





ପୁରୀସ୍ଥିତ ବାଳିକାଶ୍ରମ ଓ ଛାତ୍ରୀବାସଠାରେ ଅପ୍ରେଲ ୧୩ ତାରିଖ ଦିନ ମହାମହୋ-
ପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ଉପମନ୍ତ୍ରୀ
ଶ୍ରୀମତୀ ନନ୍ଦିନୀ ଶତପଥୀ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।



ଶ୍ରୀ.ବିଶ୍ୱନାଥ ଦାସ ଅପ୍ରେଲ ୧୩ ତାରିଖ ଦିନ ବାରିପଦା ସହରଠାରେ
ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

କେନ୍ଦ୍ର ଉପମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଅପ୍ରେଲ ୮ ତାରିଖ ଦିନ ଭୁବନେଶ୍ୱରସ୍ଥ
ରିଜିଓନାଲ ରିସର୍ଚ୍ଚ ଲାବୋରେଟୋରୀଠାରେ ଶିଶୁ ଉଦ୍ୟାନର ଶୁଭ ସ୍ଥାପନ କରୁଛନ୍ତି ।



# ଉତ୍କଳ ପ୍ରସଙ୍ଗ


| ...ଶ ଭାଗ | ମଇ ୧୯୬୯ / ଜ୍ୟେଷ୍ଠ ୧୮୯୧ | ୧୦ମ ସଂଖ୍ୟା |
|---|---|---|


...ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ...ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ...ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ ପାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ...ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

...ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ବିଭାଗ ତରଫରୁ ...ଥାଇଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ...ଓ ତନ୍ନିଧାରା ସବୁ ସ୍ଥଳରେ ଓଡ଼ିଶା ...ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


—ପ୍ରତି ମାସ ୧୫ ତାରିଖ

—ହେରମ୍ବ ନାରାୟଣ ଦାସମହାପାତ୍ର,
ଆଇ.ଏ.ଏସ୍.,
ନିର୍ଦ୍ଦେଶକ, ଲୋକସମ୍ପର୍କ ଓ ପର୍ଯ୍ୟଟନ,
ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର ।

ସମ୍ପାଦକ—ବିଶ୍ୱଙ୍କର ଦାସ

...ସଂଖ୍ୟା ୨୦ ପଇସା

ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିସିଟି


## ଏ ସଂଖ୍ୟାରେ ପଢ଼ନ୍ତୁ—


୧ । ଏକ ମହାନ୍ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି .. ୧

୨ । ଡକ୍ଟର ଜାକିର ହୁସେନ .. ୩

୩ । ଭାରତର ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ୫

୪ । ଜାକିର ହୁସେନଙ୍କ କେତୋଟି ଉକ୍ତି .. ୭

୫ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଚିଠା ସଂପର୍କରେ କେତୋଟି ସ୍ପଷ୍ଟ କଥା ! ୯

୬ । ଦେଶର ବିକାଶରେ ପରିସଂଖ୍ୟାନ ବିଜ୍ଞାନର ଭୂମିକା । ୧୭

୭ । ସୁନ୍ଦରଗଡ଼ ଜିଲ୍ଲା .. ୨୧

୮ । ସହର ଉନ୍ନୟନ ପାଇଁ ଯୋଜନା .. ୩୧

୯ । ଆମ ରାଜ୍ୟ .. ୩୫


ସ୍ୱର୍ଗତ ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍‌ଙ୍କ ଉଦ୍ଦେଶ୍ୟରେ 'ଉତ୍କଳ ପ୍ରସଙ୍ଗ' ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

## ଏ ସଂଖ୍ୟାରେ ଲେଖିଛନ୍ତି:—

ଶ୍ରୀ ହରିହର ପଟ୍ଟେଲ, ଶିଳ୍ପ, ବାଣିଜ୍ୟ, ଲୋକସମ୍ପର୍କ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ।

ଶ୍ରୀ ବୃନ୍ଦାବନ ତ୍ରିପାଠୀ, କୃଷି ଓ ଯୋଜନା ସମନ୍ୱୟ ବିଭାଗ ମନ୍ତ୍ରୀ ।

ଶ୍ରୀ ଏସ୍. ଏମ୍. ଗନି, ଟୁରିଷ୍ଟ ଇନ୍‌ଫର୍ମେସନ୍ ଅଫିସର, ପୁରୀ ।

ଶ୍ରୀ ଦୀନବନ୍ଧୁ ପାଢ଼ୀ, ଗବେଷଣା ସହକାରୀ, ସହର ଉନ୍ନୟନ ଯୋଜନା ସଂଗଠନ, ଭୁବନେଶ୍ୱର ।

## ଡକ୍ଟର ଜାକୀର ହୁସେନ୍ : ଭାରତୀୟ ଐକ୍ୟ ଓ ସଂସ୍କୃତିର ପ୍ରତୀକ

### ଓଡ଼ିଶା ମନ୍ତ୍ରୀମଣ୍ଡଳଙ୍କ ଶୋକପ୍ରସ୍ତାବ

ଗତ ମଇ ୪ ତାରିଖରେ ଅନୁଷ୍ଠିତ ଓଡ଼ିଶା ମନ୍ତ୍ରିମଣ୍ଡଳର ଏକ ବୈଠକରେ ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍‌ଙ୍କ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ନିମ୍ନଲିଖିତ ପ୍ରସ୍ତାବଟି ଗୃହୀତ ହୋଇଥିଲା :

" ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍‌ଙ୍କ ଆକସ୍ମିକ ବିୟୋଗରେ ମନ୍ତ୍ରିପରିଷଦ ଗଭୀର ଶୋକ ପ୍ରକାଶ କରୁ ଅଛନ୍ତି । ତାଙ୍କର ବିୟୋଗ ଫଳରେ ଜାତି ଜଣେ ବରିଷ୍ଠ ମୁକ୍ତି ଯୋଦ୍ଧା, ଶିକ୍ଷାବିତ୍ ଓ ଦେଶପ୍ରେମୀଙ୍କୁ ହରାଇଲା । ସେ ଭାରତୀୟ ଐକ୍ୟ ଓ ସଂସ୍କୃତିର ପ୍ରତୀକ ଥିଲେ ଏବଂ ଜାତୀୟ ଏକତା ଓ ସଂହତି ପ୍ରତିଷ୍ଠା ଦିଗରେ ତାଙ୍କର ମହାନ୍ ଅବଦାନ ଥିଲା । ମନ୍ତ୍ରିପରିଷଦ ସ୍ୱର୍ଗତ ଆତ୍ମାପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ପ୍ରଦାନ କରୁଅଛନ୍ତି ଏବଂ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ହାର୍ଦ୍ଦିକ ସମବେଦନା ଜ୍ଞାପନ କରୁଛନ୍ତି ।


# ସ୍ୱର୍ଗତ ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ୍‌ଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଭାରତର ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ୍‌ଙ୍କ ଆକସ୍ମିକ ବିୟୋଗରେ ମର୍ମାହତ ହୋଇ ନିମ୍ନଲିଖିତ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ବାର୍ତ୍ତାଟି ମଇ ୪ ତାରିଖ ରେ ଆକାଶବାଣୀ, କଟକ କେନ୍ଦ୍ରରୁ ପ୍ରସାରିତ ହୋଇଥିଲା ।

"ଗତ କାଲି ଦିନ ଗୋଟାଏ ପରେ ଡକ୍ଟର ଜାକୀର ହୁସେନଙ୍କର ଦେହାନ୍ତ ସମ୍ବାଦ ମତେ ପୁଣିଠାରେ ମିଳିଥିଲା । ଏହା ଏତେ ଆକସ୍ମିକ ଯେ ମୁଁ ତାହା ହଠାତ୍ ବିଶ୍ୱାସ କରି ପାରିଲି ନାହିଁ । ମାତ୍ର ୧୭ ମାସ ପୂର୍ବେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ସେ ଆମ ସମସ୍ତଙ୍କୁ ଅତି ଆପଣାର କରି ନେଇଥିଲେ ଏବଂ ଆମ ଓଡ଼ିଶାବାସୀଙ୍କ ସୁଖ ଦୁଃଖ ସହିତ ନିଜକୁ ଜଡ଼ିତ କରି ନେଇଥିଲେ ।

"ତାଙ୍କ ଦେହାବସାନରେ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା ତାହା ବହୁ କାଳ ଧରି ଅପୂର୍ଣ୍ଣ ରହିବ । ଜଣେ ଶ୍ରେଷ୍ଠ ଶିକ୍ଷାବିତ୍ ହେବା ସଙ୍ଗେ ସଙ୍ଗେ ସେ ଥିଲେ ଉଚ୍ଚକୋଟୀର ଦେଶପ୍ରେମୀ ଓ ଜାତୀୟ ସଂହତିର ମୂର୍ତ୍ତ ପ୍ରତିନିଧି । ଆମର ଜୀବଦ୍ଦଶାରେ ଆମେ କ୍ୱଚିତ୍ ଏ ଭଳି ଦୂରଦୃଷ୍ଟିସମ୍ପନ୍ନ ଜ୍ଞାନବାନ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଥାଉଁ । ଅଜି ଯେତେବେଳେ ଆମେ ଜାତୀୟ ସଂହତି ପାଇଁ ବ୍ୟାକୁଳ, ସେତେବେଳେ ତାଙ୍କର ତିରୋଧାନ ଆମ ସମସ୍ତଙ୍କୁ ଦାରୁଣ ଆଘାତ ଦେଇଛି । ସେ ଥିଲେ ଜାତୀୟ ସଂହତିର ମୂର୍ତ୍ତିମନ୍ତ ପ୍ରତୀକ । ଜୀବନର ସକଳ କ୍ଷେତ୍ରରେ ସେବାକୁ ସେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ରଖିଥିଲେ ଯାହାକି ଗାନ୍ଧୀଜୀଙ୍କର ନୀତି । ଆଜି ଯେତେବେଳେ ଦେଶ ଗାନ୍ଧୀ ଜନ୍ମ ଶତବାର୍ଷିକୀ ପାଳନ କରୁଛି ସେତେବେଳେ ତାଙ୍କର ଆକସ୍ମିକ ତିରୋଧାନ ଅଧିକ ମର୍ମନ୍ତୁଦ ହୋଇଛି । ପୁରାତନ ଓ ଆଧୁନିକ ମଧ୍ୟରେ ସେ ଥିଲେ ଅନ୍ୟତମ ଶେଷ ଯୋଗସୂତ୍ର । ଦେଶର ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବା ଦିଗରେ ସେ ଯେଉଁ ବାସ୍ତବ ଧୀମନ୍ତ ଓ ରାଜନୈତିକ ବିଚକ୍ଷଣତା ପ୍ରଦର୍ଶନ କରୁଥିଲେ ତାହା ଆଉ ମିଳିବ ନାହିଁ, ତାଙ୍କୁ ହରାଇ ଦେଶ ଓ ଜାତି ଦରିଦ୍ର ହୋଇ ପଡ଼ିଛି ।

"ଜାତିର ଏହି ଦୁର୍ଦ୍ଦିନରେ ମୁଁ ରାଜ୍ୟ ସରକାର, ରାଜ୍ୟବାସୀ ଏବଂ ମୋ ନିଜ ପକ୍ଷରୁ, ତାଙ୍କର ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ଏବଂ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱର ନିକଟରେ ପ୍ରାର୍ଥନା କରୁଛି ।"



ମଇ ମାସ ୩ ତାରିଖ ଦିନ ଦିବା ଘ ୧୧-୨୦ ମିନିଟ୍ ସମୟରେ ଭାରତର ଜନପ୍ରିୟ ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍ ଆକସ୍ମିକ ଭାବରେ ପରଲୋକ ଗମନ କଲେ । ସେ ଦିନ ସଂଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସୂଚନା କେନ୍ଦ୍ର ସମ୍ମୁଖସ୍ଥ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ତହିଁରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ସମବେଦନା ଜ୍ଞାପନ କରୁଛନ୍ତି ଏବଂ ମଞ୍ଚ ଉପରେ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ଅଛନ୍ତି ।




ମଇ ୩ ତାରିଖ ଦିନ ନୂଆ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ଡକ୍ଟର ଜାକିର ହୁସେନଙ୍କର ଆକସ୍ମିକ
ବିୟୋଗ ସମ୍ବାଦରେ ସମଗ୍ର ଜାତି ଶୋକାଭିଭୂତ ହୋଇ ପଡ଼ିଥିଲା ।
ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ଏବଂ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସମେତ ଜୀବନର ସବୁକ୍ଷେତ୍ରର
ବ୍ୟକ୍ତି ରାଷ୍ଟ୍ରପତି ଭବନଠାରେ ମୃତ୍ୟୁ ଶଯ୍ୟାରେ ଶାୟିତ ରାଷ୍ଟ୍ରପତିଙ୍କ ଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।
ଉପରେ ଶ୍ରୀ ଗିରି ଓ ଶ୍ରୀମତୀ ଗାନ୍ଧୀ ମୃତ୍ୟୁ ଶଯ୍ୟାଶାୟୀ ଶରୀର ନିକଟରେ ଦଣ୍ଡାୟମାନ ।

**ଭାରତର ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ୍‌ଙ୍କ ଆକସ୍ମିକ ବିୟୋଗ ପରେ ସ୍ୱର୍ଗତଃ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର-ଠାରେ ଯେଉଁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା, ସେହି ସଭାରେ ନିମ୍ନଲିଖିତ ଶୋକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା:**

---

ଆଜିର ଆମର ଏହି ସାଧାରଣ ସଭା ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ୍‌ଙ୍କ ଅକସ୍ମି ବିୟୋଗରେ ଗଭୀର ଶୋକ ପ୍ରକାଶ କରୁଅଛି । ତାଙ୍କର ତିରୋଧାନରେ ଭାରତ ବର୍ଷ ଜ ବରିଷ୍ଠ ଶିକ୍ଷାବିତ, ଆଜୀବନ ଦେଶ ପ୍ରେମୀ ଏବଂ ପ୍ରବୀଣ ରାଜନୀତିଜ୍ଞଙ୍କୁ ହରାଇଲା ଏବଂ ଜାତି ଜାତିର ଏକ ଅପୂରଣୀୟ କ୍ଷତି ଘଟିଲା ।

ଏ ସଭା ସ୍ୱର୍ଗତଃ ଆତ୍ମାର ଶାନ୍ତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ଶୋକ ସ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନଙ୍କ ଦୁଃଖରେ ସମବେଦନା ପ୍ରକାଶ କରୁଛି ।



ଅପ୍ରେଲ ୭ ତାରିଖ ଦିନ ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଆନ୍ସାରୀ ସର୍ବ ପ୍ରଥମ ଗାନ୍ଧୀଙ୍କ ଜୀବନୀ ସମ୍ବଳିତ ଚଳଚ୍ଚିତ୍ର 'ମହାତ୍ମା'
ଉତ୍କଳ ଗ୍ରାଣ୍ଡ ସିନେମାରେ ଉଦ୍‌ଘାଟନ କରିଥିଲେ ।
ଚିତ୍ରରେ ଡକ୍ଟର ଆନ୍ସାରୀ ଚଳଚ୍ଚିତ୍ର ସନ୍ଦର୍ଶନ କରୁଛନ୍ତି ।

ଏ ଜାତିର ଇତିହାସରେ 'ମଇ' ମାସ ଏକ ଅମଙ୍ଗଳ ସୂଚକ ମାସ ରୂପେ ଦେଖା ଦେଇଛି। ଆଜଠାରୁ ସ୍ତୁବର୍ଷ ତଳେ, ମଇ ମାସ ଦେଇଶ ତାରିଖରେ, ଭାରତ ତାହାର ଏକ ମହାନ୍ ନେତା ପଣ୍ଡିତ ଜବାହରଲାଲ ନେହରୁଙ୍କୁ ହରାଇଥିଲା। ଏବେ ପୁଣି ଚଳିତ ବର୍ଷ ମଇ ମାସ ତିନି ତାରିଖ ଦିନ ଭାରତ ତାହାର ଏକ ବିଶିଷ୍ଟ ଦେଶପ୍ରେମୀ, ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନଙ୍କୁ ହରାଇଲା।

'ଉତ୍କଳ ପ୍ରସଙ୍ଗ' ଡକ୍ଟର୍ ଜାକିର୍ ହୁସେନ୍ଙ୍କ ଆକସ୍ମିକ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଭାରତର ଏହି ଦୁଇ ମହାନ୍ ଆତ୍ମା ଯେଉଁ ଆଦର୍ଶ ପ୍ରତିଷ୍ଠା କରି ଯାଇଛନ୍ତି ତାହା ଚିରଦିନ ଆମକୁ ଉଦ୍‌ବୁଦ୍ଧ କରୁ ଏବଂ ଏ ଜାତି ପାଇଁ ଏକ ଉଜ୍ଜ୍ୱଳତର ଭବିଷ୍ୟତର ସନ୍ଧାନ ଦେଉ।

ହରିହର ପଟେଲ

# ଏକ ମହାନ୍ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି

ରାଷ୍ଟ୍ରପତି ଜାକିର ହୁସେନ୍ ଆଜି ଆଉ ଆମ ମଧ୍ୟରେ ନାହାନ୍ତି । ହଠାତ୍ ତାଙ୍କର ପରଲୋକ ଘଟିଛି । ଦେଶ ବିଦେଶରୁ ବହୁ ନେତା ଆସି ସ୍ୱର୍ଗତଃ ଆତ୍ମାପ୍ରତି ସମ୍ମାନ ଜ୍ଞାପନ କରିଛନ୍ତି । ଭାରତ ତାଙ୍କ ବିୟୋଗରେ ମ୍ରିୟମାଣ ହୋଇପଡିଛି ।

ଜାକିର ହୁସେନ୍ ଜଣେ ନୀରବ ସାଧକ ଥିଲେ । ସ୍ୱାଧୀନତା ସଂଗ୍ରାମରେ ସେ ବିଶେଷ ଭାଗ ନେଇଥିଲେ । ମହାତ୍ମା ଗାନ୍ଧୀଙ୍କର ପ୍ରଦର୍ଶିତ ପଥ ତାଙ୍କର ଅତି ପ୍ରିୟ ଥିଲା । ଜୀବନର ଶେଷ ପର୍ଯ୍ୟନ୍ତ ସେ ଦେଶକୁ ମହାତ୍ମା ଗାନ୍ଧୀଙ୍କର ପଥ ଅନୁସରଣ କରିବା ପାଇଁ ଉପଦେଶ ଦେଇ ଯାଇଛନ୍ତି । ରାଜନୀତି କ୍ଷେତ୍ରରେ ବିଶେଷ ଭାବରେ ଜଡିତ ଥିଲେ ସୁଦ୍ଧା ତାଙ୍କର ଶିକ୍ଷା ଓ ଶିଳ୍ପ ପ୍ରତି ଅନୁରାଗ ଥିଲା । ବସ୍ତୁତଃ ସେ ସମ୍ପୂର୍ଣ୍ଣ ସଂସ୍କୃତିର ଏକ ପ୍ରତୀକ ଥିଲେ । ସମଗ୍ର ଦେଶକୁ ସେ ନିଜର ଘର ଓ ସମସ୍ତ ଦେଶବାସୀଙ୍କୁ ନିଜ ପରିବାରର ବୋଲି ମନେ କରୁଥିଲେ । ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କଲାପରେ ସେ ତାଙ୍କ ଜୀବନକୁ ସମଗ୍ର ଦେଶର ସେବାରେ ଉତ୍ସର୍ଗ କରି ଦେବାରେ ସଂକଳ୍ପ ପ୍ରକାଶ କରିଥିଲେ । ଶାନ୍ତି ପ୍ରତିଷ୍ଠା ନିମିତ୍ତ ତାଙ୍କପ୍ରାଣ ସର୍ବଦା ବ୍ୟାକୁଳ ଥିଲା । ଶାନ୍ତିର ବାର୍ତ୍ତା ନେଇ ସେ ଦେଶ ବିଦେଶ ମଧ୍ୟରେ ବହୁତ ଭ୍ରମଣ କରିଥିଲେ । ମୃତ୍ୟୁର ଅଳ୍ପଦିନ ପୂର୍ବେ ସେ ନାଗାଲ୍ୟାଣ୍ଡ ଯିବା ପାଇଁ ମଧ୍ୟ କୁଣ୍ଠିତ ହୋଇ ନ ଥିଲେ । ଶାରୀରିକ ଶ୍ରମପାଇଁ ତାଙ୍କର କୌଣସି ପ୍ରକାର କାତରତା ନ ଥିଲା ।

ସେ ଅତ୍ୟନ୍ତ ସରଳ ଓ ନମ୍ର ପ୍ରକୃତିର ଥିଲେ । ତାଙ୍କ ସହିତ ବାର୍ତ୍ତାଳାପ କରି ସାକ୍ଷାତକାରୀମାନେ ବଡ଼ ଆଶ୍ୱସ୍ତ ଅନୁଭବ କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱର ଏକ ଶାନ୍ତ ପ୍ରଭାବ ଥିଲା ।

ସେ ଜଣେ ପ୍ରବୀଣ ଶିକ୍ଷାବିତ୍ ଥିଲେ । ଶିକ୍ଷା ସମ୍ବନ୍ଧରେ ତାଙ୍କର ପ୍ରଗାଢ଼ ଆଗ୍ରହ ଥିଲା । ମହାତ୍ମା ଗାନ୍ଧିଙ୍କର ଆଦର୍ଶକୁ ରୂପାୟିତ କରିବା ନିମନ୍ତେ ସେ ବେସିକ୍ ଏଡୁକେଶନ ବା ମୌଳିକ ଶିକ୍ଷାର ପରିକଳ୍ପନା କରିଥିଲେ । ଏ ଶିକ୍ଷା ପଦ୍ଧତିରେ ଶିକ୍ଷା ଓ ଶ୍ରମର ସମାବେଶ ରହିଛି । ତାଙ୍କ ପରିକଳ୍ପିତ ମୌଳିକ ଶିକ୍ଷା ପଦ୍ଧତିର ଅବଲମ୍ବନ ଏବଂ ପ୍ରସାର ଘଟିଥିଲେ ଦେଶରେ ଆଜି ଦୁଏତ ବେକାରି ସମସ୍ୟା ଏତେ ଉତ୍କଟ ହୋଇନଥାନ୍ତା । କିନ୍ତୁ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଗଲା ନାହିଁ । ଦେଶ କ୍ରମେ କ୍ରମେ ମହାତ୍ମା ଗାନ୍ଧିଙ୍କ ଶିକ୍ଷାରୁ ଦୂରେଇ ଯିବାକୁ ଲାଗିଲା । ଏହାର କୁଫଳ ବର୍ତ୍ତମାନ ଅନେକ ଉପଲବ୍ଧି କଲେଣି । ଦେଶର ଭବିଷ୍ୟତ ସମୁଜ୍ଜ୍ୱଳ କରିବା ନିମନ୍ତେ ସେ ଉପଦେଶ ଦେଇ ଯାଇଛନ୍ତି ଯେ ଆମକୁ ମହାତ୍ମା ଗାନ୍ଧୀଙ୍କର ପଥ ଅନୁସରଣ କରିବାକୁ ପଡ଼ିବ । ତାଙ୍କ ପରିକଳ୍ପିତ ଶିକ୍ଷା ପଦ୍ଧତିର ବିକାଶ ନିମିତ୍ତ ସେ 'ଜାମିଆ ମିଲିଆ' ନାମକ ଏକ ଶିକ୍ଷା ପ୍ରତିଷ୍ଠାନ ଯାଇଛନ୍ତି । ଅନୁଷ୍ଠାନର ଉନ୍ନତି ପାଇଁ ସେ ବ୍ୟାକୁଳ ଥିଲେ । ଦେହ ତ୍ୟାଗ ପରେ ମଧ୍ୟ ସମାଧି ସେହି ଅନୁଷ୍ଠାନ ହତା ମଧ୍ୟରେ ଦିଆଯା ତାଙ୍କପରି ଶିକ୍ଷାପ୍ରତି ଅନୁରାଗଥିବା ବ୍ୟକ୍ତିଙ୍କ ବିରଳ । ଜୀବନର ଉଚ୍ଚ ଆଦର୍ଶଗୁଡ଼ିକ ସକାଶେ ଯେଉଁ ବ୍ୟାକୁଳତା ପ୍ରକାଶ କରି ଯାଇଛନ୍ତି ଆମେ ତାହା ପ୍ରାଣେ ପ୍ରାଣେ ଉପଲବ୍ଧି କରି ପ୍ରେରି ହେବା ଆମର କର୍ତ୍ତବ୍ୟ । ସେଥିରେହିଁ ତାଙ୍କର ପୂ ଆତ୍ମା ଶାନ୍ତି ଲାଭ କରିବ ।

ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କ ସଙ୍ଗେ ସଙ୍ଗେ ଶୋକ ସନ୍ତପ୍ତ ପରିବାର ସମବେଦନା ଜଣାଉଛୁ । ଭଗବାନ ସ୍ୱର୍ଗତଃ ଆ ଶାନ୍ତି ବିଧାନ କରନ୍ତୁ ।

---

# ଡକ୍ଟର ଜାକୀର ହୁସେନ୍

ଭାରତର ପ୍ରଥମ ନାଗରିକ ତଥା ଭାରତର ତୃତୀୟ ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ ଗତ ମଇମାସ ୩ ତାରିଖ ଦିନ ପୂର୍ବାହ୍ନ ୧୧-୨୦ ମିନିଟରେ ଆକସ୍ମିକ ଭାବରେ ପରଲୋକ ଗମନ କରିଛନ୍ତି । ହୃତ୍‌ପିଣ୍ଡ କ୍ରିୟା ହଠାତ୍ ବନ୍ଦ ହୋଇଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଲା । ତାଙ୍କ ମୃତ୍ୟୁରେ ଭାରତ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବରେଣ୍ୟ ନେତା, ମନୀଷୀ, ରାଷ୍ଟ୍ରନାୟକଙ୍କ ଓ ଅଦ୍ଭୁତ ପ୍ରଶାସକଙ୍କୁ ହରାଇଲୁ ।

ଡକ୍ଟର ଜାକୀର ହୁସେନ୍ ୧୮୯୭ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ସେତେବେଳେ ହାଇଦ୍ରାବାଦରେ ଆଇନ ବ୍ୟବସାୟ କରୁଥିଲେ ଓ 'ଆଇନ-ଡେକାନ୍' ନାମକ ପତ୍ରିକାର ସମ୍ପାଦକ ଥିଲେ । ତାଙ୍କୁ ଯେତେବେଳେ ... ବର୍ଷ ବୟସ ସେତେବେଳେ ତାଙ୍କର ପିତୃବିୟୋଗ ହେଲା । ପିତୃବିୟୋଗ ପରେ ତାଙ୍କ ପରିବାର ଉତ୍ତର ପ୍ରଦେଶର ଏଟାଓ୍ୱାକୁ ଚାଲିଯିବା ଯୋଗୁଁ ସେଠାରେ ... ହାଇସ୍କୁଲରେ ତାଙ୍କ ଅଧ୍ୟୟନ କରିବାକୁ ପଡ଼ିଥିଲା । ଏହା ପୂର୍ବରୁ ଜଣେ ଇଂରେଜ ଗୃହ-ଶିକ୍ଷକ ତତ୍ତ୍ୱାବଧାନରେ ସେ ଶିକ୍ଷା ପାଉଥିଲେ । ... ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଉପାଧି ଲାଭ କରିଥିଲେ । ଏହାପରେ ସେ ବର୍ଲିନ୍ ବିଶ୍ୱବିଦ୍ୟାଳୟରୁ ପି. ଏଚ୍. ଡି. ଉପାଧି ପାଇଥିଲେ ।

୧୯୨୦ ମସିହାରେ ଦେଶରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସେଥିରେ ଯୋଗ ଦେଇଥିଲେ । ସେହି ସମୟରୁ ସେ ମହାତ୍ମା ଗାନ୍ଧିଜୀଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ । ୧୯୨୦ ମସିହାରେ ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଦିଲ୍ଲୀ ଠାରେ "ଜାମିଆ ମିଲିଆ" ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । କାରଣ ରାଜନୀତିର ସଂକୀର୍ଣ୍ଣ ମାଧ୍ୟମରେ ରାଷ୍ଟ୍ରର ପୁନରୁତ୍ଥାନ ଅସମ୍ଭବ ବୋଲି ସେ ମନେ କରୁଥିଲେ । ଜାମିଆ ମିଲିଆ ମାଧ୍ୟମରେ ଜାତୀୟ ସଂସ୍କୃତି ଅନୁରୂପ ଏକ ଶିକ୍ଷା ପ୍ରଣାଳୀ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ଥିଲା । ଛାତ୍ରମାନଙ୍କ ମଧ୍ୟରେ ସାମୂହିକ ଦୃଷ୍ଟିକୋଣ ସୃଷ୍ଟି କରି ସେମାନଙ୍କୁ ଉତ୍ତମ ନାଗରିକ ରୂପେ ଗଢ଼ିବା ଓ ସେମାନଙ୍କ ମଧ୍ୟରେ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଥିଲା ।

୩୦ ବର୍ଷ ଧରି ସେ ଜାମିଆ ମିଲିଆର କୁଳପତି ରହି ଥିଲେ । ସ୍ୱାଧୀନତା ପାଇବା ପୂର୍ବରୁ ତଥା ସ୍ୱାଧୀନତା ପାଇବା ପରେ ମଧ୍ୟ ସେ ଏପରି ଏକ

ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ ନିମନ୍ତେ କାର୍ଯ୍ୟ କରୁଥିଲେ ଯାହାକି ଦେଶର ବିକାଶ କ୍ଷେତ୍ରରେ ସହାୟକ ହୋଇ ପାରିବ ।

ସେ ୧୯୪୮ ମସିହାରେ ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନର ସଭ୍ୟ ଭାବରେ ଡକ୍ଟର ରାଧାକୃଷ୍ଣନ୍‌ଙ୍କ

ହୋଇଥିଲେ । ୧୯୫୭ ମସିହାରେ ସେ ବି
ରାଜ୍ୟପାଳ ରୂପେ ଦାୟିତ୍ୱ ଗ୍ରହଣ କରିଥି
ରାଜ୍ୟପାଳ ରୂପେ ୫ ବର୍ଷକାଳ ନିଜର
ତୁଲାଇବା ପରେ ୧୯୬୨ ମସିହା ମଇ ମ
ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ ।



ସହିତ କାର୍ଯ୍ୟ କରିଥିଲେ । ସେ ଆନ୍ତର୍ଜାତିକ ସ୍ୱେଚ୍ଛା ସେବାସଙ୍ଗଠନ, କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡର ଚେୟାରମ୍ୟାନ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ, ପ୍ରେସ କମିଶନ ଓ ୟୁନେସ୍କୋ କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ । ୧୯୫୨ ମସିହାରେ ସେ ରାଜ୍ୟ ସଭାକୁ ନିର୍ବାଚିତ

ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଗଭୀ
ଅବଦାନ ରହିଥିବାରୁ ତାଙ୍କୁ ୧୯୫୪ ରେ 'ପ
ବିଭୂଷଣ' ଓ ୧୯୬୩ ରେ 'ଭାରତ ରତ୍ନ' ଉପାଧି
ଭୂଷିତ କରାଯାଇଥିଲା ।

( ଅବଶିଷ୍ଟାଂଶ ୭ ପୃଷ୍ଠା ଦେଖନ୍ତୁ )

# ଭାରତର ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି

ଶ୍ରୀ ବରାହଗିରି ଭେଙ୍କଟ ଗିରି ଓଡ଼ିଶାର ବ୍ରହ୍ମପୁର-ଠାରେ ୧୮୯୪ ମସିହା ଅଗଷ୍ଟ ୧୦ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ବ୍ରହ୍ମପୁରର ଖଲ୍ଲିକୋଟ କଲେଜରୁ ସ୍ନାତକ ଉପାଧି ଲାଭ କରିବା ପରେ ସେ ସେଠାରୁ ଆୟାରଲଣ୍ଡ ଜାତୀୟ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ । ଏଠାରୁ ସେ ବାର୍-ଆଟ୍-ଲ ପାସ୍ କରିଥିଲେ ।

ଭାରତକୁ ଫେରିବା ସଙ୍ଗେ ସଙ୍ଗେ ଶ୍ରୀ ଗିରି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ଅଳ୍ପଦିନ ମଧ୍ୟରେ ସେ ଟ୍ରେଡ୍ ୟୁନିୟନବାଦକୁ ନିଜର ଜୀବନ ରୂପେ ଗ୍ରହଣ କରିଥିଲେ ।

ଯେଉଁ କେତେଜଣ ବ୍ୟକ୍ତି ନିଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ଗଠନ କରିବା ଦିଗରେ ଉଦ୍ୟମ କରିଥିଲେ, ଶ୍ରୀ ଗିରି ସେମାନଙ୍କ ମଧ୍ୟରେ ଅନ୍ୟତମ । ସେ ଦୁଇଥର ଏହି ସଂଗଠନର ସଭାପତିରୂପେ କାର୍ଯ୍ୟ କରିଥିଲେ ।

ଜୀବନର ବହୁକାଳ ସେ ନିଖିଳ ଭାରତ ରେଳ କର୍ମଚାରୀ ସଂଘ ଗଠନ କରିବାରେ ଅଭିବାନ୍ଧିତ କରିଥିଲେ । ସେ ସାତ ବର୍ଷ କାଳ ଏହି ସଂଘର ସାଧାରଣ ସମ୍ପାଦକ ଥିଲେ ଏବଂ ପରେ ଆହୁରି ସାତବର୍ଷ ପର୍ଯ୍ୟନ୍ତ ଏହାର ସଭାପତି ରୂପେ କାର୍ଯ୍ୟ କରିଥିଲେ ।

୧୯୨୭ ମସିହାରେ ଜେନେଭାଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଶ୍ରମ ସଂଗଠନ ସମ୍ମିଳନୀରେ ସେ ନିଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ପ୍ରତିନିଧି ରୂପେ ଯୋଗ ଦେଇଥିଲେ ଏବଂ ଶ୍ରମିକମାନଙ୍କ ପ୍ରତିନିଧି ରୂପେ ସେ ୧୯୩୧ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ ।

ଶ୍ରୀ ଗିରି ଜଣେ ପ୍ରବୀଣ ବ୍ୟବସ୍ଥାପକ । ୧୯୩୭ ମସିହାରେ ମାନ୍ଦ୍ରାଜ ବିଧାନ ସଭାର ସଦସ୍ୟ ରୂପେ ନିର୍ବାଚିତ ହେଲା ପରେ ସେ ମାନ୍ଦ୍ରାଜ ପ୍ରଦେଶର ପ୍ରଥମ ଲୋକପ୍ରିୟ ମନ୍ତ୍ରୀମଣ୍ଡଳରେ ୧୯୩୭ ଠାରୁ ୧୯୩୯ ମସିହା ପର୍ଯ୍ୟନ୍ତ ଶ୍ରମ ଓ ଶିଳ୍ପ ମନ୍ତ୍ରୀ ରୂପେ କାର୍ଯ୍ୟ କରିଥିଲେ । ୧୯୪୬ ମସିହାର ସାଧାରଣ ନିର୍ବାଚନରେ ସେ ପୁନର୍ବାର ମାନ୍ଦ୍ରାଜ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ପ୍ରାୟ ଏକ ବର୍ଷ କାଳ ଶ୍ରମ ମନ୍ତ୍ରୀରୂପେ କାର୍ଯ୍ୟ କରିଥିଲେ । ୧୯୪୭ ମସିହାରେ ମାନ୍ଦ୍ରାଜ ମନ୍ତ୍ରୀମଣ୍ଡଳ ଇସ୍ତଫା ପ୍ରଦାନ କରିବା ପରେ

ସେ ୧୯୫୦ ମସିହା ପର୍ଯ୍ୟନ୍ତ ସିଂହଳଠାରେ ଭାରତର ହାଇକମିଶନର ରୂପେ କାର୍ଯ୍ୟ କରିଥିଲେ ।

୧୯୫୨ ମସିହା ସାଧାରଣ ନିର୍ବାଚନରେ ଶ୍ରୀ ଗିରି କଂଗ୍ରେସ ପ୍ରାର୍ଥୀ ରୂପେ ମାନ୍ଦ୍ରାଜ ପ୍ରଦେଶର ପଥାପଟ୍ଟନମ ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ନିର୍ବାଚିତ ହେବାର କେତେକ ମାସ ପରେ ଶ୍ରୀ ଗିରି ୧୯୫୨ ମସିହା ମଇ ମାସରେ ଭାରତ ସରକାରଙ୍କ ଶ୍ରମମନ୍ତ୍ରୀ ରୂପେ ଯୋଗ ଦେଇ ୧୯୫୪ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସେହି ପଦରେ କାର୍ଯ୍ୟ କରିଥିଲେ ।

ଶ୍ରୀ ଗିରି ଜଣେ ପ୍ରବୀଣ ଟ୍ରେଡ୍ ୟୁନିୟନବାଦୀ ତଥା ପ୍ରଶାସକ । ଏହା ବ୍ୟତୀତ ସେ ଜଣେ ସଫଳ କୂଟ-ନୀତିଜ୍ଞ ମଧ୍ୟ ଥିଲେ । ୧୯୩୭ ମସିହାରେ ସେ ... କାଳୀନ ଜାତୀୟ ଯୋଜନା କମିଟିର ... ଥିଲେ । ସ୍ୱର୍ଗତ ପ୍ରଧାନ ମନ୍ତ୍ରୀ ନେହେରୁ ଏହି କମିଟିର ଅଧ୍ୟକ୍ଷ ଥିଲେ ।

ଶ୍ରୀ ଗିରି ୧୯୫୭ ମସିହାରୁ ୧୯୬୦ ମସିହା ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ରାଜ୍ୟପାଳ ଏବଂ ୧୯୬୧ ମସିହାରୁ ୧୯୬୫ ମସିହା ପର୍ଯ୍ୟନ୍ତ କେରଳର ରାଜ୍ୟପାଳ ରୂପେ କାର୍ଯ୍ୟ କରିଥିଲେ । ତାହା ପରେ ସେ ମହୀଶୂରର ରାଜ୍ୟପାଳ ରୂପେ କାର୍ଯ୍ୟ କରୁଥିବା ଅବସ୍ଥାରେ ଭାରତର ଉପରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଥିଲେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଉପରାଷ୍ଟ୍ରପତି ଥିବା ସମୟରେ ବିଦେଶୀ କୂଟନୀତିଜ୍ଞମାନେ ତାଙ୍କ ସଂସ୍ପର୍ଶରେ ଆସି ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ପଡୁଥିଲେ । ରାଜ୍ୟସଭାର ଚେୟାରମ୍ୟାନ ରୂପେ ନିରପେକ୍ଷ ଭାବରେ ସେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ୧୯୬୭ ମସିହାରେ ମାଲେସିଆ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ ।

୧୯୬୭ ମଇ ୯ ତାରିଖରେ ଡକ୍ଟର ଜାକିର ହୁସେନ ଭାରତର ରାଷ୍ଟ୍ରପତି ନିର୍ବାଚିତ ହେଲେ । ପୃଥିବୀର ବୃହତ୍ତମ ଗଣତନ୍ତ୍ର ଭାରତର ତୃତୀୟ ରାଷ୍ଟ୍ରପତି ରୂପେ ୧୯୬୭ ମଇ ୧୩ ତାରିଖ ଦିନ କାର୍ଯ୍ୟଭାର ଗ୍ରହଣ କଲେ । ୧୯୬୯ ମଇ ୩ ତାରିଖ ପୂର୍ବାହ୍ନ ୧୧-୨୦ ମିନିଟ ସମୟରେ ରାଷ୍ଟ୍ରପତି ଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

---

# ଜାକୀର ହୁସେନ୍‌ଙ୍କ କେତୋଟି ଉକ୍ତି

ସ୍ୱାଧୀନତା କେହି କାହାକୁ ଦିଏ ନାହିଁ । ...ଶମାନେ ନିଜର ସଜାଗ ଜୀବନର ପ୍ରତିଟି ...ମୁହୂର୍ତ୍ତରେ ସଚେତନ ରହି ସ୍ୱାଧୀନତା ଅର୍ଜ୍ଜନ କରନ୍ତି, ...ସେମାନେହିଁ ପ୍ରକୃତରେ ଏହାର ଉପଭୋଗ ଓ ...ସୁରକ୍ଷା କରିଥାନ୍ତି ।

X X X X X

...ଏ ଗଣତାନ୍ତ୍ରିକ ସମାଜ କେବଳ ଅନ୍ୟଦ୍ୱାରା ...ର୍ଜିତ ଚିନ୍ତା ଓ ପରିକଳ୍ପନାର ରୂପାୟନ ଲାଗି ...ଥିରେ ନାହିଁ, ପରନ୍ତୁ ଜାତୀୟ ଜୀବନକୁ ...ଗଢ଼ିବା ଦିଗରେ ଏହାର ପ୍ରତ୍ୟେକ ନାଗରିକର ...ନା କିଛି ଅବଦାନ ରହିଛି ।

X X X X X

...କେବଳ ଆବଶ୍ୟକତା ଦୃଷ୍ଟିରୁ ନୁହେଁ, ନିଜର ...ଯୋଗୁଁ ଆମେ ଯେ ଶାନ୍ତି ନୀତି ଅନୁସରଣ ... ଯାହା ଆମର ଅତି ଦରକାର କେବଳ ... ଖର୍ଚ୍ଚ ଏବଂ ଅନାବଶ୍ୟକତାକୁ ବାଦ ଦେଇ ...ଯେ ନୂଆ ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ, ଅନ୍ୟଦେଶରେ ବାଧ ବାଧକତାରେ ଲୋକେ ଯାହା କରୁଛନ୍ତି ଆମେ ଯେ ଏଠାରେ ଅବାଧରେ ତାହା କରିପାରିବା ଏହା ଆମକୁ ପ୍ରମାଣ କରି ଦେଖାଇ-ଦେବାକୁ ହେବ ।

X X X X X

ଆମ ଦାୟିତ୍ୱର ଏକ ଅର୍ଥନୈତିକ ଦିଗ ରହିଛି । ଆମକୁ ଆମ ନିଜର ପ୍ରୟୋଜନୀୟତା ହ୍ରାସ କରିବାକୁ ପଡ଼ିବ । ଫଳରେ ଆମ ସରକାର ଆମ ଦେଶର ଶିଳ୍ପ ସମ୍ପଦକୁ ଆବଶ୍ୟକମତେ ବିନିଯୋଗ କରିପାରିବେ । ଦରଦାମ ଆଉ ଯେପରି ନ ବଢ଼େ ଏବଂ ମୁନାଫା-ଖୋରମାନେ ଯେପରି ଦୁର୍ନୀତିମୂଳକ କାରବାର ବଢ଼ାଇ ନ ଚାଲନ୍ତି ସେ ଦିଗରେ ଆମକୁ ସାହାଯ୍ୟ କରିବାକୁ ପଡ଼ିବ ।

X X X X X

ମୂଲ୍ୟବାନ ମାନବ ଜୀବନର ଲକ୍ଷ୍ୟ ହେଲା ନିଜର ଆଚରଣ ମାଧ୍ୟମରେ ନିଜର ସଂକୀର୍ଣ୍ଣ ସ୍ୱତନ୍ତ୍ରତାରୁ ଉଠି ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ଘଟାଇବା । ଏହା ଏକ

[ଅବଶିଷ୍ଟାଂଶ ୪୦ ପୃଷ୍ଠା ଦେଖନ୍ତୁ]

# ଦୁର୍ଦ୍ଦିନର ମୁକାବିଲା କରିବା ପାଇଁ ସଂଚୟ କରନ୍ତୁ

ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ୍‌ରେ ଆଜି ଫିକ୍ସଡ଼ ଡିପୋଜିଟ୍ ଏକାଉଣ୍ଟ ଖୋଲନ୍ତୁ ।

*ଏହି ଏକାଉଣ୍ଟରେ ଟ ୫୦.୦୦ କରି ଜମା ଦିଆଯାଇ ପାରିବ

*ଜଣକିଆ ଏକାଉଣ୍ଟରେ ଟ ୨୫,୦୦୦ ଓ ଯୁଗ୍ମ ଏକାଉଣ୍ଟରେ ଟ ୫୦,୦୦୦ ଜମା ଦିଆଯାଇ ପାରିବ ।

*ପ୍ରତି ଟ ୫୦.୦୦ ଜମା ଉପରେ ୫ ବର୍ଷ ପରେ ଟ ୭୨.୫୦ ପଇସା ମିଳିବ ।

ଜମା ଟଙ୍କାରୁ ମିଳୁଥିବା ଲାଭ ଉପରେ ଆୟକର ପଡ଼େ ନାହିଁ ।

ବିଶେଷ ବିବରଣୀ ପାଇଁ ନିକଟତମ ଡାକଘରେ ଅନୁସନ୍ଧାନ କରନ୍ତୁ ।

ଲୋକ ସଂପର୍କ ନିର୍ଦ୍ଦେଶାଳୟ
ଭୁବନେଶ୍ବର

ରାଜେନ୍ଦ୍ର ନାରାୟଣ ସିଂହ ଦେଓ,
ମୁଖ୍ୟମନ୍ତ୍ରୀ

# ଚତୁର୍ଥ ପଞ୍ଚ ବାର୍ଷିକ ଯୋଜନାର ଚିଠା ସଂପର୍କରେ କେତୋଟି ସ୍ପଷ୍ଟ କଥା

ମୋତେ ପ୍ରଥମରୁ କହି ରଖିବାକୁ ହେଉଛି ଯେ ...ଠା ଚତୁର୍ଥ ପଞ୍ଚ ବାର୍ଷିକ ଯୋଜନା ମୋ ମନରେ ...ର ନୈରାଶ୍ୟ ସୃଷ୍ଟି କରୁଛି । ଏହି ଚିଠା ଯୋଜନା ...ବାସ୍ତବ, ଅସଙ୍ଗତିପୂର୍ଣ୍ଣ ଓ ଅସ୍ପଷ୍ଟ । ଏହା ...ପୌତ୍ତିକ ଧାରଣା ଦ୍ୱାରା ଦୋଷଦୁଷ୍ଟ ଓ ସର୍ବୋପରି ...କଳ୍ପିତ ଭାବରେ ଅଳ୍ପୋନ୍ନତ ରାଜ୍ୟ ଓ ଅଧିକ ...ବର୍ଗଶ୍ରେଣୀର ସ୍ୱାର୍ଥବିରୋଧୀ ।

ମୁଁ ଏହି ଚିଠା ଯୋଜନାକୁ ଅବାସ୍ତବ କହୁଛି, ...ରଣ ଯେଉଁ କେତୋଟି ମୁଖ୍ୟ ବିଷୟକୁ ଭିତ୍ତିକରି ...ହି ଯୋଜନା ପ୍ରସ୍ତୁତ ହୋଇଛି ସେଗୁଡ଼ିକର ...ଯୋଗିତା ସଂପର୍କରେ ଘୋର ସନ୍ଦେହ ରହିଛି । ...ଦାହରଣ ସ୍ୱରୂପ ମୋଟ ଆଭ୍ୟନ୍ତରୀଣ ସଂଚୟର ...ହାର ୧୯୬୭-୬୮ ମସିହାରେ ଶତକଡ଼ା ...ଥିବା ସ୍ଥଳେ ୧୯୭୩-୭୪ ମସିହାରେ ଏହା ...ଶତକଡ଼ା ୮.୭ କୁ ବୃଦ୍ଧି ପାଇବ ବୋଲି କଳ୍ପନା ...ଯାଇଛି । ଏଥିରୁ ଜଣାଯାଏ ଯେ ସଞ୍ଚୟ ହାର ପ୍ରାୟ ଶତକଡ଼ା ୨୫ ପାଖାପାଖି ହେବ । କୌଣସି ବର୍ଷ ଆଶାତୀତ ଭାବରେ ଭଲ ଫସଲ ହେଲେ ଏହିଭଳି ବର୍ଦ୍ଧିତ ହାରରେ ସଞ୍ଚୟ କରାଯାଇ ପାରେ, କିନ୍ତୁ ଦେଶର ବର୍ତ୍ତମାନ ପରିସ୍ଥିତିରେ ଦୀର୍ଘ କାଳ ଧରି ସଞ୍ଚୟ ହାର ଏହିପରି ଭାବରେ ବୃଦ୍ଧି ପାଉଥିବ ବୋଲି ଆଶା କରିବା ଅସଙ୍ଗତ । ଏହି ଆଶା ଯେ ଏକ ଖିଆଲ ତାହା ସଞ୍ଚୟ ହାରର ପୃଷ୍ଠଭୂମିରୁ ବେଶ୍ ପ୍ରମାଣିତ ହୁଏ । କାରଣ ବିଗତ ୧୮ ବର୍ଷ ମଧ୍ୟରେ ହାରାହାରି ସଞ୍ଚୟ ହାର ପ୍ରାୟ ଶତକଡ଼ା ୩ ବୃଦ୍ଧି ପାଇଛି ଓ ଗତ ୪।୧୦ ବର୍ଷ ଭିତରେ ଏହା ଆଦୌ ବୃଦ୍ଧି ପାଇନାହିଁ । ୧୯୬୭-୬୮ରେ ସାଧାରଣ ସଞ୍ଚୟ ଜାତୀୟ ଆୟର ଶତକଡ଼ା ୦.୮ ଥିବା ସ୍ଥଳେ ତାହା ୧୯୭୩-୭୪ରେ ଶତକଡ଼ା ୩.୮ କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ମୋଟ କଥାରେ କହିଲେ ଏହାର ଅର୍ଥ ହେଲା ୧୯୬୭-୬୮ ମସିହାରେ ସାଧାରଣ ସଞ୍ଚୟ (ପବ୍ଲିକ୍ ସେଭିଙ୍ଗ୍ସ) ପ୍ରାୟ ଟ ୨୨୩.୦୦ କୋଟିରୁ

ବୃଦ୍ଧି ପାଇ ୧୯୭୩-୭୪ ସୁଦ୍ଧା ଏକ ଉଦ୍ଭଟ ସଂଖ୍ୟା ୫୧୪,୫୭.୦୦ କୋଟିରେ ପହଞ୍ଚିବ । କୃଷି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆଉ ଏକ ଖାମଖିଆଲି ଚିନ୍ତାଧାରାର ନିଦର୍ଶନ ରହିଛି । ୮୫୦.୪୦ କୋଟି ଟଙ୍କା ପର୍ଯ୍ୟନ୍ତ ନିଅଣ୍ଟିଆ ଅର୍ଥ ବ୍ୟବସ୍ଥା ପାଇଁ ଯୋଜନା କରାଯାଇଥିବା ସତ୍ତ୍ୱେ ଦେଶ ଭିତରେ ଦରଦାମ କିପରି ସ୍ଥିର ରଖାଯାଇ ପାରିବ ତାହା ଜଣାପଡ଼ୁନାହିଁ । ପୁଞ୍ଜି ବିନିଯୋଗ ଓ ଉତ୍ପାଦନ ଆରମ୍ଭ ମଧ୍ୟରେ ଗୋଟିଏ ବର୍ଷର ବ୍ୟବଧାନ ରହୁଛି ବୋଲି ଧରି ନିଆଯାଇ ପୁଞ୍ଜି ଉତ୍ପାଦନ ଅନୁପାତ ୨କୁ ବଢ଼ିବ ବୋଲି ହିସାବ କରାଯାଇଛି, ଶିଳ୍ପ, ଜଳସେଚନ ଓ ବିଦ୍ୟୁତ୍ ଯୋଜନାମାନଙ୍କରେ ଆମର ଯେଉଁ ବିପୁଳ ପରିମାଣ ଅର୍ଥ ବିନିଯୋଗ କରାଯାଇଛି ସେ କଥା ଭାବିବା ବେଳକୁ ଉପରୋକ୍ତ ଅନୁମାନଟି ସଂପୂର୍ଣ୍ଣ ଓଲଟା ବୋଲି ଜଣାପଡ଼େ ।

ଯୋଜନାଟି ବହୁ ଦିଗରୁ ଅସଙ୍ଗତିପୂର୍ଣ୍ଣ ମନେ ହୁଏ । ପ୍ରଥମ କଥା ହେଉଛି ଯେ କୃଷି ଉତ୍ପାଦନର ଅଭିବୃଦ୍ଧିକୁ ପ୍ରଧାନତଃ ଭିତ୍ତିକରି ଜାତୀୟ ଆୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲେ ମଧ୍ୟ କୃଷି ଉତ୍ପାଦନକୁ ପ୍ରଭାବିତ କରୁଥିବା କ୍ଷେତ୍ରଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ବ୍ୟବସ୍ଥା କରାଯାଇ ନାହିଁ । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବଡ଼ ବଡ଼ ଶିଳ୍ପ ସଂସ୍ଥାମାନଙ୍କର କୃତିତ୍ୱ ଅତୀତରେ ନଗଣ୍ୟ ହେଲେ ସୁଦ୍ଧା ସେମାନଙ୍କୁ ବିପୁଳ ପରିମାଣର ଅର୍ଥ ଯୋଗାଇ ଦିଆଯାଉଛି, ଏପରିକି କେନ୍ଦ୍ର ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଖାଉଟି ଦ୍ରବ୍ୟ ଶିଳ୍ପଗୁଡ଼ିକ ଲାଗି ସମ୍ବଳ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ବେସରକାରୀ ପ୍ରତିଷ୍ଠାନମାନଙ୍କ ହାତରେ ବରଂ ଏହାକୁ ଛାଡ଼ି ଦିଆଗଲେ ଅଧିକ ସୁଫଳ ମିଳିପାରନ୍ତା । ପୁନଶ୍ଚ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ତାହା ହାସଲ କରିବା କେତେକ ରାଜ୍ୟ ପକ୍ଷରେ ସମ୍ଭବପର ହେବ ନାହିଁ, କାରଣ ସେ... ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ବ୍ୟବସ୍ଥା କରାଯାଇ...

ଏଠା ଯୋଜନାଟି ଏକପକ୍ଷରେ ସ୍ୱ... ଆଦର୍ଶଗତ ଭିତ୍ତିର ଓ ଅନ୍ୟ ପକ୍ଷରେ ଅଙ୍କ... ଉପରେ ପ୍ରତିଷ୍ଠିତ ଗୋଟିଏ ଯୁକ୍ତିଯୁକ୍ତ ଓ ... କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଆବଶ୍ୟକତା ... ଦୋଦୁଲ୍ୟମାନ ଅବସ୍ଥାରେ ଥିବାପରି ଜଣା ପ... ସେଥିରେ ପୁଣି ଉଲ୍ଲେଖ କରାଯାଇଛି ଯେ ବୈ... ଦୃଷ୍ଟିରୁ ସାହସିକ ପଦକ୍ଷେପ ନେବାଭଳି ... ମାନଙ୍କରେ ବୃହତ୍ତର ସଂଗଠିତ ଅନୁଷ୍ଠାନମା... ଉଦ୍ୟମ ସୀମିତ ହୋଇ ରହିବା ଉଚିତ । ... ମତରେ ବର୍ତ୍ତମାନ ପରିସ୍ଥିତିରେ ଯଥାର୍ଥ ... ବାଦ୍‌ଦେଇ ଆଦର୍ଶଗତ ଭାବଧାରା ଉପରେ ... ହେବା ଦୁର୍ଭାଗ୍ୟଜନକ ହୋଇପଡ଼ିବ । ଆମେ ... କୌଣସି କଟକଣା ରହିବା ନାହିଁ ଯାହାକି ... ଅଭିବୃଦ୍ଧିର ହାର ମନ୍ଥର କରିଦେଇପାରେ ... ଅତୀତରେ ଯେଉଁ ନିୟନ୍ତ୍ରଣ ବା କଣ୍ଟ୍ରୋଲ ନୀତି ... ବିଶେଷ କ୍ଷତି ଘଟାଇଛି ସେହି ନୀତିକୁ ... ଫେରିଯିବା ପାଇଁ ନୀତି ଓ ଆଭିମୁଖ୍ୟ ପରିକଳ୍ପ... ଏକ କରୁଣ ଉଦ୍ୟମ ହୋଇଥିବା ଭଳି ... ହେଉଛି । ଆମର ଅର୍ଥନୀତିକୁ 'କଣ୍ଟ୍ରୋ... ବା ନିୟନ୍ତ୍ରଣ ବ୍ୟବସ୍ଥା ଦ୍ୱାରା ପରିଚାଳିତ କ... ପାଇଁ ଆମେ ବିଗତ ୨୨ ବର୍ଷ ... ଉଦ୍ୟମ କରି ଆସିଛୁଁ ଓ ସେଥିପାଇଁ ଆମକୁ ଅ... ଦୁଃଖକଷ୍ଟ ଭୋଗ କରିବାକୁ ପଡ଼ୁଛି, କିନ୍ତୁ ... ସେଥିରେ ବିଫଳ ହୋଇଛୁ । ବର୍ଷେ ଦୁଇବର୍ଷ ... ଯେଉଁ ନୀତି ଅନୁସୃତ ହେଉଛି ତଦ୍ୱାରା ... କଣ୍ଟ୍ରୋଲ୍ କୋହଳ କରିଦିବାର ସୁଫଳ ସଂପର୍କ... ଟିକିଏ ଅଧିକ ସଚେତନ ହୋଇପାରିଛୁ । ... ଅତୀତର ସେହି ବିଫଳ ନୀତିର ଗୁରୁତ୍ୱର ... ଯେପରି ଆମ ବାଟରୁ ପଛକୁ ଟାଣି ନ ନିଏ, ସେଥି... ଆମକୁ ସତର୍କ ରହିବାକୁ ହେବ ।

ମୁଁ ଦୃଢ଼ଭାବରେ କହିବାକୁ ଚାହେଁ ଯେ ଯୋଜନା ଏପରି ଭାବରେ ପ୍ରସ୍ତୁତ କରାଯାଇଛି (ହୁଏତ ଆକସ୍ମିକ ଭାବରେ ତାହା ହୋଇ ଥାଇପାରେ) ଯାହାକି ଅପେକ୍ଷାକୃତ ଦୁର୍ବଳ ରାଜ୍ୟ ଓ ଦୁର୍ବଳତର ଶ୍ରେଣୀର ଲୋକଙ୍କ ସ୍ୱାର୍ଥ ପ୍ରତି ନିଶ୍ଚିତ ଭାବେ କ୍ଷତିକାରକ । ସୁଷମ ଅର୍ଥନୈତିକ ବିକାଶ ସଂପର୍କରେ ସବୁ ସମୟରେ କୁହାଯାଉଥିଲେ ମଧ୍ୟ ଯେଉଁ ଭଳି ଭାବରେ ଏହାକୁ ଏଡ଼େଇ ଦିଆଯାଇଛି, ତାହା ଘୋର ପରିତାପର ବିଷୟ ।

ଆମେ ଏଠାରେ ୧୯୬୮ ମଇ ମାସରେ ମିଳିତ ହୋଇ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲୁ । ପ୍ରଗତିର ସୁଫଳ ଯେପରି ସମଗ୍ର ଦେଶରେ ସମାନ ଭାବରେ ଅନୁଭୂତ ହୋଇ ପାରିବ ସେହିଭଳି ଭାବରେ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ସଂପର୍କରେ ଆମେ କହି ଆସିଛୁ । କେନ୍ଦ୍ରୀୟ ସାହାଯ୍ୟ ବଣ୍ଟନ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ଲାଗି ଏହି ପରିଷଦ ଗୋଟିଏ କମିଟି ବସାଇଥିଲେ । ଏହାର କିଛି ଦିନ ପରେ କାଶ୍ମୀରଠାରେ ଅନୁଷ୍ଠିତ ଜାତୀୟ ସଂହତି ପରିଷଦର ଏକ ବୈଠକରେ ଆମେ ମିଳିତ ହୋଇ ଆଞ୍ଚଳିକ ବିକାଶ ଦୃଷ୍ଟିରୁ ସରକାର ତଥା ଘରୋଇ ସଂସ୍ଥାମାନଙ୍କର ଅର୍ଥ ବିନିଯୋଗ ନୀତିର ପୁନର୍ବିନ୍ୟାସ କରାଯିବାର ଆବଶ୍ୟକତା ଉପରେ ଖୁବ୍ ଜୋର ଦେଇଥିଲୁ ଓ ପ୍ରସ୍ତାବ ଗ୍ରହଣ କରିଥିଲୁ । ଏ ସଂପର୍କରେ ଅନେକ ବିସ୍ତୃତ ଆଲୋଚନା ପରେ ଗୋଟିଏ ଖସଡ଼ା ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଯୋଜନାକୁ କାର୍ଯ୍ୟକାରୀ କରାଗଲେ ଆଞ୍ଚଳିକ ବୈଷମ୍ୟ ହ୍ରାସ ପାଇବ କି ନାହିଁ ଆମେ ବର୍ତ୍ତମାନ ତାହା ପରୀକ୍ଷା କରିବାକୁ ଚାହୁଁ । ଦେଶର ୯ଟି ରାଜ୍ୟରେ ମୁଣ୍ଡପିଚ୍ଛା ଆୟ ହାରାହାରି ଜାତୀୟ ଆୟଠାରୁ ଅଧିକ ଏବଂ ୮ଟି ରାଜ୍ୟରେ ଏହା ହାରାହାରି ଜାତୀୟ ଆୟଠାରୁ କମ୍ । ଏହି ଅନୁନ୍ନତ ରାଜ୍ୟ ଭିତରୁ ସାତଟି ରାଜ୍ୟର ରାଜ୍ୟସ୍ତରୀୟ ଯୋଜନାରେ ମୁଣ୍ଡପିଚ୍ଛା ଯୋଜନା ବ୍ୟୟ ହାରାହାରି ମୁଣ୍ଡପିଚ୍ଛା ଯୋଜନା ବ୍ୟୟ ଅପେକ୍ଷା ଅଧିକ । ଅନ୍ୟ ପକ୍ଷରେ କେରଳ, ଜାମୁ ଓ କାଶ୍ମୀର ବ୍ୟତୀତ ଅନ୍ୟାନ୍ୟ ଦରିଦ୍ରତର ରାଜ୍ୟମାନଙ୍କରେ ମୁଣ୍ଡପିଚ୍ଛା ଯୋଜନା ଖର୍ଚ୍ଚ ହାରାହାରି ମୁଣ୍ଡପିଚ୍ଛା ଯୋଜନା ଖର୍ଚ୍ଚ ଅପେକ୍ଷା କମ । ଓଡ଼ିଶା ତୁଳନାରେ କମ୍ ଲୋକ ସଂଖ୍ୟା ଓ ଅଧିକା ମୁଣ୍ଡପିଚ୍ଛା ଆୟଥିବା କେତେକ ରାଜ୍ୟ ପାଇଁ ଯୋଜନା ବାବଦରେ ଯେଉଁ ବ୍ୟୟ ବରାଦ କରାଯାଇଛି ତାହା ଓଡ଼ିଶା ପାଇଁ ନିର୍ଦ୍ଦିଷ୍ଟ ବ୍ୟୟ ବରାଦ ତୁଳନାରେ ଯଥେଷ୍ଟ ଅଧିକ ।

ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଏକ ସ୍ପଷ୍ଟ ଲକ୍ଷ୍ୟ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଆମ ସମ୍ମୁଖରେ ଏପରି ହିସାବ ସବୁ ଉପସ୍ଥାପିତ କରାଯାଉଛି ଯାହାକି ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଜୀବନଧାରଣ ସ୍ତରରେ ରହିଥିବା ବୈଷମ୍ୟକୁ ଯଥେଷ୍ଟ ବଢ଼ାଇ ଦେବ । ଏକଥା ସତ ଯେ ମୁଖ୍ୟମନ୍ତ୍ରୀମାନେ ସ୍ଥିର କରିଥିବା ଏକ ସୂତ୍ର ଅନୁଯାୟୀ କେନ୍ଦ୍ର ସାହାଯ୍ୟ ନିର୍ଦ୍ଧାରିତ ହୋଇଛି । କିନ୍ତୁ ଏହି ସୂତ୍ର କି ଠିକ୍ କିପରି ଭାବରେ ପ୍ରୟୋଗ କରାଯାଇଛି ସେ ସଂପର୍କରେ ଆମେ କୌଣସି ସମ୍ବାଦ ପାଇନାହୁଁ । ଓଡ଼ିଶାର ଆୟ ସଂପର୍କୀୟ ହିସାବରେ କେତେକ ଭୁଲ ରହିଥିବା ସୁସ୍ପଷ୍ଟ । ଏ ବିଷୟ ସି. ଏସ୍. ଓ. ଏବଂ ଯୋଜନା କମିଶନଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ଯେଉଁ ଯୋଜନାଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷ ହୋଇ ନ ପାରି ପରବର୍ତ୍ତୀ ବର୍ଷକୁ ଗଡ଼ି ଆସିଛି ସେଗୁଡ଼ିକର ଖର୍ଚ୍ଚ ଅଟକଳ କରିବାରେ କେତେକ ସମସ୍ୟା ଉପୁଜିଥିଲା ଓ ସେ ସଂପର୍କରେ ଆମେ କେତେକ ସୂଚନା ଦେଇଥିଲୁ, ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆମର ପ୍ରସ୍ତାବଗୁଡ଼ିକୁ ଯଥାଯଥ ଭାବେ ବିଚାରକୁ ନିଆଯାଇ ନାହିଁ ।

କାର୍ଯ୍ୟକାରୀ ଅବସ୍ଥାରେ ଥିବା ବୃହତ୍ ଜଳସେଚନ ଓ ବିଦ୍ୟୁତ ପରିକଳ୍ପନାଗୁଡ଼ିକୁ ଶେଷ କରିବା ନିମନ୍ତେ ଶତକଡ଼ା ଯେଉଁ ୧୦ ଭାଗ ଅର୍ଥ ସଂରକ୍ଷିତ ହୋଇଥିଲା ତା'ର ଉଦ୍ଦେଶ୍ୟ ଥିଲା ଦେଶ ମଧ୍ୟରେ ଏହିଭଳି ସମସ୍ତ ଯୋଜନାର କାର୍ଯ୍ୟ ଶେଷ କରିବା ପାଇଁ ବ୍ୟବସ୍ଥା କରିବା । ମାତ୍ର ଗାଣିତିକ ସୂତ୍ରରେ ଏହି ସଂରକ୍ଷିତ ସମ୍ବଳ ବଣ୍ଟନ କରାଯିବା ଦ୍ୱାରା ଓଡ଼ିଶାଭଳି ଦରିଦ୍ରତର ରାଜ୍ୟମାନେ ଏହିଭଳି ଯୋଜନା ସଂପୂର୍ଣ୍ଣ କରିବାକୁ ସମର୍ଥ ହେବେ ନାହିଁ । କାରଣ ସେମାନଙ୍କ ପାଇଁ ମୋଟ ଯୋଜନା ବାବଦ ବ୍ୟୟ ଖୁବ୍ କମ୍ ରଖାଯାଇଛି । କୌଣସି କଠୋର ନୀତି ଅନୁସାରେ ଏହି ସଂରକ୍ଷିତ ଅର୍ଥ ବଣ୍ଟନ କରା ନ ଯାଇ ଆବଶ୍ୟକତା ଭିତ୍ତିରେ ବଣ୍ଟନ କରାଯିବା ଉଚିତ ।

ଜାତୀୟ ଉନ୍ନୟନ ପରିଷଦ କମିଟିର ସେପ୍ଟେମ୍ବର ଅଧିବେଶନରେ ମୁଁ ସୂଚନା ଦେଇଥିଲି ଯେ ଦରିଦ୍ରତର ରାଜ୍ୟମାନେ ଅନ୍ତତଃ ସେମାନଙ୍କର ଲୋକସଂଖ୍ୟା ଅନୁପାତରେ ବ୍ୟୟ ବରାଦ କରିବା ସକାଶେ ଯେପରି ସମର୍ଥ ହୋଇ ପାରିବେ ସେଥିପାଇଁ ବିଶେଷ ସମସ୍ୟାମାନଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ ସାହାଯ୍ୟର ଶତକଡ଼ା ୧୦ ଭାଗ ରାଜ୍ୟମାନଙ୍କ ପାଣ୍ଠିକୁ ସମତୁଲ କରିବା ପାଇଁ ରିଜର୍ଭ ବା ସଂରକ୍ଷିତ ପାଣ୍ଠିରୂପେ ବ୍ୟବହୃତ ହେବା ଉଚିତ । ସର୍ବୋପରି ରାଜ୍ୟର ବିଶେଷତଃ ଗୋଟିଏ ଅନୁନ୍ନତ ରାଜ୍ୟର ଯୋଜନାପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବ୍ୟବସ୍ଥା ନ କରାଯିବା ବିଶେଷ ସମସ୍ୟାଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଏବେ ଆମକୁ କୁହାଯାଉଛି ଯେ କେନ୍ଦ୍ରୀୟ ସାହାଯ୍ୟର ପରିମାଣ ନିର୍ଦ୍ଦିଷ୍ଟ ହୋଇ ସାରିଥିବା ଦୃଷ୍ଟିରୁ ରାଜ୍ୟ ଯୋଜନାର ଆକାର ପ୍ରକାର ରାଜ୍ୟମାନଙ୍କର ଉଦ୍ୟମ ଉପରେ ନିର୍ଭର କରେ । ଚତୁର୍ଥ ଯୋଜନା କାଳପାଇଁ ଆମ ସରକାର ୩୫ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ସମ୍ବଳ ସଂଗ୍ରହ କରିବେ ବୋଲି ସମ୍ମତ ହୋଇଛନ୍ତି । ଓଡ଼ିଶାର ସେ... ଅନ୍ୟାନ୍ୟ ରାଜ୍ୟମାନଙ୍କ ମୋଟ ସେ... ଶତକଡ଼ା ୪ ଭାଗ ହେଲେ ମଧ୍ୟ ଅନ୍ୟାନ୍ୟ ରାଜ୍ୟ... ମିଳିତ ସମ୍ବଳ ସଂଗ୍ରହ ଉଦ୍ୟମ ତୁଳନାରେ ଓ... ଶତକଡ଼ା ୩୦.୧ ସଂଗ୍ରହ କରିବ । ଜାତୀୟ ହା... ମୁଣ୍ଡପିଚ୍ଛା ଆୟ ଅପେକ୍ଷା ଓଡ଼ିଶାର ମୁଣ୍ଡପିଚ୍ଛା ... ଶତକଡ଼ା ପ୍ରାୟ ୨୫—୩୦ ଭାଗ କମ୍ । ତେଣୁ ଆ... ଉଦ୍ୟମ ଯଥେଷ୍ଟ ନୁହେଁ ବୋଲି କୁହାଯାଇ ପା... ନାହିଁ । ତେବେ ସମ୍ବଳ ସଂଗ୍ରହ ଅଧି... ବଢ଼ାଇବା ଯଦି ସମ୍ଭବପର ହୁଏ ତେବେ ସେ ସମ୍ବ... ଉଚିତ କାର୍ଯ୍ୟାନୁଷ୍ଠାନ କରିବାକୁ ଆମେ ପ୍ର... ପ୍ରସ୍ତୁତ ।

ଓଡ଼ିଶାଭଳି କେତେକ ଦରିଦ୍ରତର ରାଜ୍ୟମାନଙ୍କ... ଯେଉଁ ସବୁ ଅସୁବିଧା ଦେଖାଦେଉଛି, ତାହା ... ସରକାରମାନଙ୍କ ସମ୍ବଳ ସଂଗ୍ରହ ଉଦ୍ୟମର ଅ... ଘଟୁ ନାହିଁ ବରଂ କେନ୍ଦ୍ରୀୟ ଋଣ ପରିଶୋ... ଗୁରୁତର ଦାୟ ଯୋଗୁଁ ଏପରି ଘଟୁଛି । ଯୋଜ... କମିଶନଙ୍କ ଧାରଣା ଯେ ଅତିରିକ୍ତ ସମ୍ବଳ ସଂଗ୍ରହ... ଅଧିକ ଉଦ୍ୟମ କରାଗଲେ ରାଜ୍ୟର ଯୋଜନା ... ପାଇପାରିବ । ମାତ୍ର ସବୁ କ୍ଷେତ୍ରରେ ଏହା ସତ ନୁ... ଦେଶରେ ଯେଉଁ ୭ଟି ଦରିଦ୍ରତର ରାଜ୍ୟ ଅ... ସେମାନେ ହେଲେ ବିହାର, ଜାମୁ ଓ କାଶ୍ମୀର, କେ... ମଧ୍ୟ ପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ଉତ୍ତର ପ୍ରଦେ... ଏହି ସାତଟି ରାଜ୍ୟ ମଧ୍ୟରୁ ପାଞ୍ଚଟି ରାଜ୍ୟରେ ମୁ... ପିଚ୍ଛା ଯୋଜନା ବ୍ୟୟ ବରାଦ ଖୁବ୍ କମ୍ । ... ରାଜ୍ୟଗୁଡ଼ିକ ହେଲେ ବିହାର, ଓଡ଼ିଶା, ମଧ୍ୟ ପ୍ରଦେ... ରାଜସ୍ଥାନ ଓ ଉତ୍ତର ପ୍ରଦେଶ । ଏମାନଙ୍କ ... ଦୁଇଟି ରାଜ୍ୟ ରାଜସ୍ଥାନ ଓ ଓଡ଼ିଶାରେ ଋଣ ଶୋ... ବାବଦ "କ୍ୟାପିଟାଲ୍ ଡେଫିସିଟ୍" ହ୍ରାସ କ... ଲାଗି ଅତିରିକ୍ତ ସମ୍ବଳର ପୂର୍ଣ୍ଣ ଉପଯୋଗ ... ଯାଉଛି । ଏହି ରାଜ୍ୟମାନଙ୍କରେ ଅତିରିକ୍ତ ...

...ପାଇଁ ଅଧିକ ଉଦ୍ୟମ କରାଗଲେ ମଧ୍ୟ ତାହା ...ଯୋଜନା ବ୍ୟୟ ବରାଦ ବୃଦ୍ଧି ପାଇବ ନାହିଁ ...ତାହା ଅଣ-ଯୋଜନା 'କ୍ୟାପିଟାଲ ଡେଫିସିଟ୍' ...କରିବା ବାଟରେ କାର୍ଯ୍ୟ କରିବେ । ଏଥି- ...ଅତିରିକ୍ତ ସମ୍ବଳ ସଂଗ୍ରହପାଇଁ କ ...ବ୍ୟବସ୍ଥା କରାଯାଇପାରେ ସେ ସମ୍ପର୍କରେ ପ୍ରସ୍ତାବ ...କରିବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ୁଛି । ...କେନ୍ଦ୍ର ସରକାରଙ୍କଠାରୁ ଅଣାଯାଇଥିବା ...ପରିଶୋଧ ପାଇଁ ପରିଶୋଧ ବ୍ୟବସ୍ଥାରେ ...କରିବାଲାଗି ଅର୍ଥ କମିଶନ ଯେଉଁ ...କରିଛନ୍ତି ତାହା ଓଡ଼ିଶା ଓ ରାଜସ୍ଥାନ ... ପୂର୍ଣ୍ଣମାତ୍ରାରେ ପ୍ରଯୁଜ୍ୟ ହେବା ବିଶେଷ ...।

...ଯୋଜନାରେ ବ୍ୟୟ ବରାଦର ଯେଉଁ ପ୍ରସ୍ତାବ ...ତାହା ଦରିଦ୍ରତର ରାଜ୍ୟମାନଙ୍କ ଅର୍ଥନୀତିରେ ...ଘଟାଇବ ଓ ଯୋଜନାରେ ଉଲ୍ଲେଖଥିବା ...ଲକ୍ଷ୍ୟ ହାସଲ ବାଧାପ୍ରାପ୍ତ ହେବ । ଏହା ...ଶିକ୍ଷା ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ପରିପୂରଣ ବନ୍ଦ ...ହେବାକୁ ପଡ଼ିବ । ଓଡ଼ିଶା ଓ ମଧ୍ୟ ପ୍ରଦେଶ ଭଳି ...ମାନଙ୍କରେ ଖୁବ୍ ଅଧିକ ସଂଖ୍ୟାରେ ଥିବା ...ସମେତ ସମାଜର ଦୁର୍ବଳ ଶ୍ରେଣୀର ...ମାନେ ଏଥିଯୋଗୁଁ ଅବହେଳିତ ହୋଇ ...ହେବେ । ଖାଦ୍ୟ ଉତ୍ପାଦନ, ବିଦ୍ୟୁତ୍ ଉତ୍ପାଦନ ...ଇତ୍ୟାଦି କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ...ଛି ତାହା ହାସଲ ହୋଇ ପାରିବ ନାହିଁ । ...ସ୍ତରରେ ବୈଷମ୍ୟ ବୃଦ୍ଧି ପାଇଁ ...ଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ...ବ ।

...ରାଜ୍ୟମାନଙ୍କ ପକ୍ଷରେ ରାଜ୍ୟ ...ର ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ନୈରାଶ୍ୟଜନକ ...ବିକାଶର ଭିତ୍ତିଭୂମି ପାଇଁ ବ୍ୟବସ୍ଥା କରିବା ସକାଶେ ଆଦୌ କୌଣସି ପରିସର ରହିବ ନାହିଁ । ଏହା ବ୍ୟତୀତ ବେସରକାରୀ ଉଦ୍ୟୋଗ ପ୍ରସାରିତ ହୋଇ ପାରିବ ନାହିଁ । ବର୍ତ୍ତମାନ କେବଳ କେନ୍ଦ୍ରୀୟ ଉଦ୍ୟୋଗ ବିଷୟ ବିଚାର୍ଯ୍ୟ । କେନ୍ଦ୍ରୀୟ ଉଦ୍ୟୋଗରେ ଆଶା ଜନ୍ମାଇବା ଭଳି କୌଣସି ଲକ୍ଷଣ ପ୍ରକାଶ ପାଉଛି କି ନାହିଁ ତାହା ବର୍ତ୍ତମାନ ବିବେଚନା କରାଯାଉ ।

କେନ୍ଦ୍ର ଉଦ୍ୟୋଗରେ ବିଭିନ୍ନ ରାଜ୍ୟରେ କ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ବିଷୟରେ କୃଷି ସମ୍ପର୍କୀୟ ପରିଚ୍ଛେଦରେ କୌଣସି ସୂଚନା ଦିଆ ଯାଇନାହିଁ । ଯେଉଁଭଳି ଭାବରେ କାର୍ଯ୍ୟକ୍ରମ ଓ ନୀତି ପ୍ରସ୍ତୁତ କରାଯାଇଛି ସେଥିରେ ଅନୁନ୍ନତ ଅଞ୍ଚଳ-ମାନଙ୍କ ଉପରେ ଗୁରୁତ୍ୱ ଦେବାପାଇଁ ମୂଳରୁ କୌଣସି ଉଦ୍ୟମ ହୋଇଥିବାଭଳି ପ୍ରତୀୟମାନ ହୁଏ ନାହିଁ । ବସ୍ତୁତଃ ଏଥିମଧ୍ୟରୁ ଅଧିକାଂଶ ବ୍ୟବସ୍ଥାର ସୁଫଳ ବିଶେଷତଃ ଅର୍ଥ ଯୋଗାଣକାରୀ ସଂସ୍ଥାମାନଙ୍କୁ ସାହାଯ୍ୟ କରିବାପାଇଁ ରଖାଯାଇଥିବା ୨୭୩.୦୦ କୋଟି ଟଙ୍କାର ସୁଫଳ ଅଧିକ ସମୃଦ୍ଧ ରାଜ୍ୟମାନେ ପାଇପାରିବେ ବୋଲି ମୋର ଆଶଙ୍କା ହୁଏ । ଏହିସବୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ କଲାବେଳେ ଦରିଦ୍ରତର ରାଜ୍ୟମାନଙ୍କ ପ୍ରତି ଯଥାଯଥ ଦୃଷ୍ଟି-ଦେବାପାଇଁ ପଦକ୍ଷେପମାନ ନିଆଯିବା ଦରକାର ।

ବିଦ୍ୟୁତ୍ ଉତ୍ପାଦନ ସମ୍ବନ୍ଧରେ ଯେଉଁ ନୀତି ଦିଆଯାଇଛି ତାହା ଅଧିକ ଦୁଃଖଦାୟକ । କେନ୍ଦ୍ର ଉଦ୍ୟୋଗର ବିଦ୍ୟୁତ୍ ଉତ୍ପାଦନ ପରିକଳ୍ପନାଗୁଡ଼ିକ ପାଇଁ ୧୯୮.୦୦ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି । ଏହି ପରିକଳ୍ପନାଗୁଡ଼ିକ ଦ୍ୱାରା ଖୁବ୍ କମ୍ ସଂଖ୍ୟକ ରାଜ୍ୟ ଉପକୃତ ହେବେ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ନହେଲେ ମଧ୍ୟ କେତେକ ରାଜ୍ୟ ହେଉଛନ୍ତି ଅଧିକ ସମୃଦ୍ଧ ରାଜ୍ୟ । କେନ୍ଦ୍ର

ଉଦ୍ୟୋଗରେ ପରିକଳ୍ପିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକ ଯେଉଁ ପରିମାଣରେ ବିଦ୍ୟୁତ୍‌ଶକ୍ତିର ସ୍ୱଳ୍ପତା ପୂରଣ କରିବେ, ରାଜ୍ୟ ଯୋଜନା ଉପରୁ ବିଦ୍ୟୁତ୍‌ଶକ୍ତି ଉତ୍ପାଦନର ଚାପ ସେହି ପରିମାଣରେ ହ୍ରାସ ପାଇବ । ତେଣୁ ରାଜ୍ୟ ଯୋଜନାରୁ ଏହି ଯୋଜନାଗୁଡ଼ିକ ହସ୍ତାନ୍ତର କରାଯିବା ଉପରେ ମୁଁ ଜୋର ଦେଉଛି । ରାଜ୍ୟ ଯୋଜନା ବାବଦରେ କେନ୍ଦ୍ରରୁ ମିଳୁଥିବା ପାଣ୍ଠି ସହିତ ଏହି ୧୯୮.୦୦ କୋଟି ଟଙ୍କାକୁ ଯୋଗ କରାଯାଉ ଓ ତାହାକୁ କେନ୍ଦ୍ରୀୟ ସାହାଯ୍ୟର ଅନ୍ତର୍ଭୁକ୍ତ କରାଯାଉ । କେନ୍ଦ୍ର ଉଦ୍ୟମରେ ଗ୍ରାମାଞ୍ଚଳକୁ ବିଦ୍ୟୁତ ଯୋଗାଇ ଦେବା ଲାଗି ୪୫ କୋଟି ଟଙ୍କା ନିର୍ଦ୍ଦିଷ୍ଟ ରଖାଯାଇଛି । ଉଠାଜଳସେଚନ କେନ୍ଦ୍ରମାନଙ୍କୁ ବିଦ୍ୟୁତଶକ୍ତି ଯୋଗାଇଦେବାଲାଗି ଏହା ପ୍ରଧାନତଃ ଉଦ୍ଦିଷ୍ଟ । ଅନୁରୂପ ସୁବିଧାସୁଯୋଗ ପାଇଁ ଯଥେଷ୍ଟ ପାଣ୍ଠିର ବ୍ୟବସ୍ଥା କରିବା ଦରିଦ୍ରତର ରାଜ୍ୟମାନଙ୍କ ପକ୍ଷରେ କଷ୍ଟସାଧ୍ୟ ହେଉଥିବାରୁ ସାବଧାନତା ସହକାରେ ପଦକ୍ଷେପ ନିଆ ନଗଲେ ଏହି ପାଣ୍ଠି ବିଶେଷକରି ଅଧିକ ସମୃଦ୍ଧ ରାଜ୍ୟମାନଙ୍କ ଦ୍ୱାରା ଉପଲବ୍ଧ ହେବ । ତେଣୁ ଏହିସବୁ ପାଣ୍ଠି ବିନିଯୋଗରେ ଗ୍ରାମାଞ୍ଚଳରେ ଯେଉଁସବୁ ବିଦ୍ୟୁତ୍-ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ, ତାହା କେବଳ ଦରିଦ୍ରତର ରାଜ୍ୟ-ମାନଙ୍କରେ ସୀମିତ ରଖିବାପାଇଁ ମୁଁ ପ୍ରସ୍ତାବ ଦେଉଛି ।

ଶିଳ୍ପ ଓ ଖଣିଜ ଦ୍ରବ୍ୟ କ୍ଷେତ୍ରରେ ଆତଙ୍କ ଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଏ କ୍ଷେତ୍ରରେ ୨,୯୧୦.୦୦ କୋଟି ଟଙ୍କା ଖଟାଇବାର କାର୍ଯ୍ୟକ୍ରମ ରହିଛି । ଆନୁଷଙ୍ଗିକ ପରିଚ୍ଛେଦର ପରିଶିଷ୍ଟ—୨ରେ ଓଡ଼ିଶାପାଇଁ ଯେଉଁ ଅର୍ଥ ବ୍ୟବସ୍ଥା କରାଯାଇଛି ସେଥିରେ ରାଉରକେଲା ପାଇଁ ପ୍ରାୟ ୪.୬୨ କୋଟି ଟଙ୍କା ରଖା ଯାଇଛି ଓ ଇସ୍ପାତ କାରଖାନାମାନଙ୍କରେ ଏବଂ ନିକେଲ୍ କାରଖାନାରେ ବୈଷୟିକ … ସାଧନ ନିମନ୍ତେ ସ୍ୱଳ୍ପ ପରିମାଣର ଅର୍ଥ … କରାଯାଇଛି । ଓଡ଼ିଶା ପ୍ରଚୁର ପ୍ରାକୃତିକ ସମ୍ପ… ଭରପୂର କିନ୍ତୁ ବିନିଯୋଗ କରାଯାଉଥିବା … ଅର୍ଥର ଶତାଂଶ ୧ ଭାଗର ଅଧା ଭାଗ ମଧ୍ୟ ଓଡ଼ି… ପାଇଁ ଉଦ୍ଦିଷ୍ଟ ନୁହେଁ । ବିନିଯୁକ୍ତ ହେବ… ଉପରୋକ୍ତ ଅର୍ଥ ମଧ୍ୟରୁ ପ୍ରାୟ ୮୦.୦୦ କୋ… ଟଙ୍କା ଗୋଟିଏ ରାଜ୍ୟକୁ ମିଳୁଛି । ଏ ବାବଦ … ଆଉ କେତେକ ରାଜ୍ୟ ବଡ଼ ଧରଣର … ପାଉଛନ୍ତି । କୋଇଲା ଭିତ୍ତିରେ ତାଲଚେରଠାରେ ଗୋଟିଏ ରସାୟନିକ ସାର କାରଖାନା ସ୍ଥା… କାର୍ଯ୍ୟକୁ ଏହି ବ୍ୟୟ ବରାଦର ଅନ୍ତର୍ଭୁକ୍ତ କ… ପାଇଁ ଆମେ ଦାବୀ କରି ଆସୁଛୁ । ଏହି କାରଖା… ସ୍ଥାପନ ସମ୍ଭାବନା ସମ୍ପର୍କରେ ଅଧ୍ୟୟନ କା… ଶେଷ ହୋଇଛି । ବୈଷୟିକ ମତାମତ … ଯାଇଛି, କାରଖାନାର ଆୟ ବ୍ୟୟ ସମ୍ପର୍କ… ହିସାବ କରାଯାଇଛି ଓ ଦେଶର କୋଇଲା ଭି… ସାରକାରଖାନା ମଧ୍ୟରେ ଏହି କାରଖା… ସର୍ବୋତ୍କୃଷ୍ଟ ହେବ ବୋଲି ପ୍ରମାଣିତ ହୋଇଛି… ଏହା ସତ୍ତ୍ୱେ ଚଉଠା ଯୋଜନାରେ ଏହି କାରଖା… ସଂପର୍କରେ ଉଲ୍ଲେଖ କରାଯାଇ ନାହିଁ । … ଯୋଜନାକାଳ ମଧ୍ୟରେ ଦୁଇ ବା ତିନୋଟି କୋଇଲା ଭି… ସାରକାରଖାନା ସ୍ଥାପିତ ହେବ ବୋଲି ଅସ୍ପଷ୍ଟ ଭା… ଉଲ୍ଲେଖ କରାଯାଇଛି ।

ରେଲବାଇ କ୍ଷେତ୍ରରେ ୧,୦୫୦ କୋଟି ଟ… ବ୍ୟୟ ବରାଦ କରାଯାଇଛି । କଟକ-ପାରାଦୀପ ରେ… ପଥର ନିର୍ମାଣକାର୍ଯ୍ୟ ଯଥାଶୀଘ୍ର ଶେଷ କରି… ରାଉରକେଲା ସହିତ ତାଳଚେରକୁ ରେଳପଥ … ସଂଯୁକ୍ତ କରିବାପାଇଁ ତାଳଚେର-ବିମଳା… କୋସ୍ତର ନୂଆ ରେଲପଥ ହାତକୁ ନେବା ପ୍ର… ଆମେ ଦାବୀ କରି ଆସୁଛୁ । ମାତ୍ର ଦୁର୍ଭାଗ୍ୟର …

...ସେ ଏହି ନୂଆ ରେଳପଥ ବିଷୟ ଷଠା ଯୋଜନାରେ ...ଭୁକ୍ତ ହୋଇନାହିଁ । ବନ୍ଦର ବିଷୟରେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରାଯାଇଛି । ପାରାଦୀପର ଉନ୍ନୟନ ନିମନ୍ତେ ଯଥାଶୀଘ୍ର ପର୍ଯ୍ୟାପ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବାପାଇଁ ମୁଁ ଏହି ଅବସରରେ କେନ୍ଦ୍ର ସରକାରଙ୍କ ନିକଟରେ ପୁନର୍ବାର ଦାବି ଜଣାଉଛି ।

...ସମ ଦୃଷ୍ଟିରେ ଚିନ୍ତିବାକୁ ଗଲେ ଅର୍ଥନୈତିକ ...ଦୃଷ୍ଟିରୁ ଅନୁନ୍ନତ ରାଜ୍ୟଗୁଡ଼ିକର ରାଜ୍ୟ ସ୍ତରୀୟ ...ଯୋଜନାପାଇଁ ଷଠା ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ...ଯେଉଁ ବ୍ୟୟ ବରାଦ ରଖାଯାଇଛି, ତାହା ଖୁବ୍ କମ୍ । ...କେନ୍ଦ୍ର ଉଦ୍ୟୋଗରେ ଶିଳ୍ପ ଓ ବିଦ୍ୟୁତ୍ କାର୍ଯ୍ୟକ୍ରମ ...ଭାଗେ ଅନୁନ୍ନତ ରାଜ୍ୟ ବିଶେଷତଃ ଓଡ଼ିଶାପାଇଁ ...ଯେଉଁ ଅର୍ଥ ବ୍ୟବସ୍ଥା କରାଯାଇଛି, ତାହା ନଗଣ୍ୟ ...ହିଲେ ଚଳେ । ଦରିଦ୍ରତର ରାଜ୍ୟମାନଙ୍କରେ ...ରକାରୀ ଉଦ୍ୟୋଗର ଭବିଷ୍ୟତ ସମ୍ଭାବନା କମ୍ ...ତା ଯୋଗୁଁ ବେସରକାରୀ ଉଦ୍ୟମ ମଧ୍ୟ ସେଠାରେ ...ଜସ୍ରୁ ହେବା ସମ୍ଭବପର ନୁହେଁ । ଅନ୍ୟଭାବରେ ...ହିବାକୁ ଗଲେ ଏହି ଯୋଜନା ଦରିଦ୍ରତର ରାଜ୍ୟ-...ଙ୍କର ଜନସାଧାରଣ ବିଶେଷତଃ ଓଡ଼ିଶାର ଜନ-...ସାଧାରଣଙ୍କ ନିକଟରେ ମୋଟାମୋଟି ଭାବେ ଏକ ...କାରମୟ ଭବିଷ୍ୟତର ଚିତ୍ର ଉପସ୍ଥାପିତ କରିଛି । ...ଶୁ ଏକଥା ନିଶ୍ଚିତ ଯେ ଏହିଭଳି ଏକ ଯୋଜନାକୁ ...ମ ଗ୍ରହଣ କରିପାରିବୁ ନାହିଁ ।

...ଆମେ ବର୍ତ୍ତମାନ ଦୁଇଟି ବିକଳ୍ପ ବ୍ୟବସ୍ଥାର ...ଖୀନ ହୋଇଛୁ । ଗୋଟିଏ ହେଲା ଏହି ଯୋଜନାକୁ ...ସଲକ୍ଷ ଅଗ୍ରାହ୍ୟ କରିବା ଓ ପୁଣି ଥରେ ନୂଆକରି ...ମ ଚଳାଇବା; ଏବଂ ଅନ୍ୟଟି ହେଲା ଯୋଜନାରେ ...ସନ୍ଧ ପରିବର୍ତ୍ତନ ଘଟାଇ ତାକୁ ସହନୀୟ ...ରାକୁ ଆଣିବା । କାରଣ ସ୍ୱାର୍ଥ ଦୃଷ୍ଟିରୁ ମୁଁ ଦ୍ୱିତୀୟ ...ଟି ଅନୁସରଣ କରିବାକୁ ପସନ୍ଦ କରେ । ଦ୍ୱିତୀୟ ...ଟି କାର୍ଯ୍ୟକାରୀ କରିବା ଦୃଷ୍ଟିରୁ ଆମକୁ ପୁନରାୟ ରାଜ୍ୟ ଯୋଜନାସ୍ତରକୁ ଫେରି ଆସିବାକୁ ପଡ଼ିବ । ମୁଁ ପୂର୍ବରୁ କହି ରଖିଛି ଯେ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ରାଜସ୍ଥାନ, ଓଡ଼ିଶା ଓ ବିହାର—ଏହି ପାଞ୍ଚଟି ଦରିଦ୍ରତର ରାଜ୍ୟରେ ମୁଣ୍ଡପିଛା ବ୍ୟୟ ବରାଦ ଖୁବ୍ କମ୍ । ଉତ୍ତର ପ୍ରଦେଶରେ ମୁଣ୍ଡପିଛା ବ୍ୟୟ ବରାଦ ହାରାହାରି ବ୍ୟୟ-ବରାଦ ଠାରୁ ଖୁବ୍ ଅଳ୍ପ କମ୍ । ବିହାରରେ କେନ୍ଦ୍ରୀୟ ସ୍ତରରେ ବିରାଟ ଯୋଜନାମାନ କାର୍ଯ୍ୟକାରୀ କରାଯାଉଥିବାରୁ ବିହାର ପର୍ଯ୍ୟାପ୍ତରୁ ଅଧିକ ପରିମାଣରେ କ୍ଷତି-ପୂରଣ ପାଇଯାଉଛି । ଏହାବାଦ୍ ଆଉ ରହିଲେ ତିନୋଟି ରାଜ୍ୟ; ମଧ୍ୟ ପ୍ରଦେଶ, ରାଜସ୍ଥାନ ଓ ଓଡ଼ିଶା । ଏହି ତିନୋଟି ରାଜ୍ୟର ରାଜ୍ୟସ୍ତରୀୟ ଯୋଜନାକୁ ବିଶେଷଭାବେ ବଢ଼ାଇବାକୁ ପଡ଼ିବ । ଏଥିପାଇଁ ଅତିରିକ୍ତ ପାଣ୍ଠି ନିଶ୍ଚିତ ବ୍ୟବସ୍ଥା କରାଯିବା ଓ ସେଥିମଧ୍ୟରୁ ଓଡ଼ିଶାର ସର୍ବନିମ୍ନ ଚାହିଦା ୮୫ କୋଟି ଟଙ୍କା ଓଡ଼ିଶାକୁ ଯୋଗାଇ ଦିଆଯିବା ଦରକାର । ଏହା ହାସଲ କରିବା ଲାଗି ଦୁଇଟି ବାଟ ରହିଛି । ଗୋଟିଏ ବାଟ ହେଉଛି ହଳକା କାମ ଓ ବିଶେଷ ସମସ୍ୟା ପାଇଁ ରଖା ଯାଇ-ଥିବା ଶତକଡ଼ା ୨୦ ଭାଗ ସମତୁଲ ବଜେଟରୁ ଏହି ରାଜ୍ୟମାନଙ୍କ ପାଇଁ କେନ୍ଦ୍ରୀୟ ସାହାଯ୍ୟ ବୃଦ୍ଧି କରିବା । ଅନ୍ୟ ବାଟଟି ହେଲା କେନ୍ଦ୍ର ଉଦ୍ୟୋଗରେ କାର୍ଯ୍ୟକାରୀ କରାଯିବା ପାଇଁ କୃଷି ଉତ୍ପାଦନ, ବିଦ୍ୟୁତ୍, ଶିକ୍ଷା, ଗ୍ରାମ ଓ କ୍ଷୁଦ୍ର ଶିଳ୍ପ,ଶିଳ୍ପ ଓ ଖଣିଜ ଦ୍ରବ୍ୟ ସଂକ୍ରାନ୍ତରେ ଯେଉଁ କାର୍ଯ୍ୟକ୍ରମ ରଖାଯାଇଛି ତା'କୁ କମାଇ ଦେଇ ସେ ବାବଦ ଅର୍ଥ ଏହି ତିନୋଟି ରାଜ୍ୟର ରାଜ୍ୟ-ସ୍ତରୀୟ ଯୋଜନାକୁ ହସ୍ତାନ୍ତରିତ କରିବା । ଏହାଦ୍ୱାରା ରାଜ୍ୟସ୍ତରୀୟ ଯୋଜନା ପାଇଁ ବ୍ୟବସ୍ଥା କରାଗଲେ ସୁଦ୍ଧା କେନ୍ଦ୍ରୀୟ ଯୋଜନାଗୁଡ଼ିକରେ ବିନିଯୋଗ କରାଯାଉଥିବା ଅର୍ଥ ପର୍ଯ୍ୟାପ୍ତ ପରିମାଣରେ ଅନୁନ୍ନତ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ । ସେହିଭଳି ମଧ୍ୟ ଅଳ୍ପୋନ୍ନତ ରାଜ୍ୟଗୁଡ଼ିକ ଉପରେ ଅର୍ଥ ଯୋଗାଣକାରୀ ସଂସ୍ଥାମାନେ ଅଧିକ ଗୁରୁତ୍ୱ ଦେବାପାଇଁ ଆମେ କହି ଆସୁଥିଲେ ସୁଦ୍ଧା

ସେ କ୍ଷେତ୍ରରେ ବିଶେଷ କିଛି ଅଗ୍ରଗତି ଘଟିନାହିଁ । ଅନୁନ୍ନତ ରାଜ୍ୟମାନଙ୍କରେ ଯେପରି ନିର୍ଦ୍ଦିଷ୍ଟ ଭାବରେ ପର୍ଯ୍ୟାପ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପାରିବ ସେହି ଦୃଷ୍ଟିରୁ ଦୁଇଟି ଷ୍ଟାଣ୍ଡିଙ୍ଗ୍ କମିଟି ବସାଇବା ଲାଗି ମୁଁ ପ୍ରସ୍ତାବ ଦେଉଛି । ଯୋଜନା କମିଶନର ପ୍ରତିନିଧି, ଦୁଇଟି ଅନୁନ୍ନତ ରାଜ୍ୟର ପ୍ରତିନିଧି ଓ ଭାରତ ସରକାରଙ୍କ ସଂପୃକ୍ତ ମନ୍ତ୍ରାଳୟମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ଷ୍ଟାଣ୍ଡିଙ୍ଗ୍ କମିଟି ଗଠନ କରାଯିବ ଓ ଏହି କମିଟିର କାର୍ଯ୍ୟ ହେବ କେନ୍ଦ୍ରୀୟ କାର୍ଯ୍ୟକ୍ରମଗୁଡ଼ିକର ପର୍ଯ୍ୟାଲୋଚନା କରିବା । ଅନ୍ୟ ଷ୍ଟାଣ୍ଡିଙ୍ଗ୍ କମିଟିରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଚେୟାରମ୍ୟାନ୍ ରହିବେ ଓ କେନ୍ଦ୍ର ଅର୍ଥ ଯୋଗାଣକାରୀ ସଂସ୍ଥା ଏବଂ ଦୁଇଟି ଅନୁନ୍ନତ ରାଜ୍ୟର ପ୍ରତିନିଧିମାନେ ଏଥିରେ ସ୍ଥାନ ପାଇବେ । ଜୀବନବୀମା କର୍ପୋରେସନ୍, ଆଇ. ଡି. ବି. ଆଇ., ଭାରତୀୟ ଅର୍ଥ କର୍ପୋରେସନ୍, ଏ. ଆର. ସି., ଏଗ୍ରୋ-ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଓ ଗ୍ରାମ୍ୟ ବିଦ୍ୟୁତୀକରଣ କର୍ପୋରେସନ୍ ଇତ୍ୟାଦି ସଂସ୍ଥାମାନେ କେଉଁଠି କିପରି ଭାବରେ ଅର୍ଥ ବିନିଯୋଗ କରି ପାରିବେ ସେ ସଂପର୍କୀୟ କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥିର କରିବେ ।

ମୋର ବକ୍ତବ୍ୟ ଶେଷ କରିବା ପୂର୍ବରୁ ଖସଡ଼ା ଯୋଜନାକୁ ସଂଶୋଧନ କରିବା ନିମନ୍ତେ ମୁଁ ଯୋଜନା କମିଶନଙ୍କୁ ପ୍ରସ୍ତାବ ଦେଉଛି ଯେ—

(କ) କେନ୍ଦ୍ରସ୍ତରୀୟ ଯୋଜନା କାର୍ଯ୍ୟକ୍ରମକୁ ଆବଶ୍ୟକମତେ ହ୍ରାସ କରି ଓ କେନ୍ଦ୍ରୀୟ ସାହାଯ୍ୟର ସଂରକ୍ଷିତ ଶତକଡ଼ା ୨୦ ଭାଗ ଉପଯୋଗ କରି ଯୋଜନାର ବ୍ୟୟ-ବରାଦ ସମତୁଲ କରାଯାଉ ଓ ରାଜସ୍ଥାନ, ମଧ୍ୟ ପ୍ରଦେଶ ଏବଂ ଓଡ଼ିଶା ପାଇଁ ଅଧିକ ପରିମାଣରେ ବ୍ୟୟ ବରାଦର ବ୍ୟବସ୍ଥା କରାଯାଉ ;

(ଖ) କେନ୍ଦ୍ର ସରକାରଙ୍କ ନିକଟରୁ ଅଣାଯାଇଥିବା ଋଣ ପରିଶୋଧ ବ୍ୟବସ୍ଥାରେ ପରିବର୍ତ୍ତନ କରିବାଲାଗି ଅର୍ଥ କମିଶନ ଯେଉଁ ସୁପାରିଶ କରିଥିଲେ ତାହା ଗ୍ରହଣ କରାଯାଉ ଓ ଓଡ଼ିଶା ଓ ରାଜସ୍ଥାନ ପାଇଁ ପ୍ରଯୁଜ୍ୟ ହେଉ;

(ଗ) ଓଡ଼ିଶାରେ କେନ୍ଦ୍ରୀୟ ଉଦ୍ୟୋଗରେ ଯେଉଁ କେତୋଟି ଶିଳ୍ପ ଯୋଜନା କାର୍ଯ୍ୟକାରୀ କରାଯିବ ତାହା ନିର୍ଦ୍ଦିଷ୍ଟ କରାଯାଉ ;

(ଘ) ତାଳଚେର ସାରକାରଖାନା, ପାରାଦ୍ୱୀପ ବନ୍ଦର ଉନ୍ନୟନ ଓ ତାଳଚେର-ବିମଳାଗଡ଼ ରେଳପଥକୁ ଯୋଜନାର ଅନ୍ତର୍ଭୁକ୍ତ କରାଯାଉ ;

(ଙ) ଅନୁନ୍ନତ ରାଜ୍ୟମାନଙ୍କରେ ଯେପରି କେନ୍ଦ୍ର ତରଫରୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବିନିଯୋଗ କରାଯିବ ଓ ଅର୍ଥ ଯୋଗାଣକାରୀ ସଂସ୍ଥାମାନଙ୍କଠାରୁ ଯଥେଷ୍ଟ ପରିମାଣରେ ପାଣ୍ଠି ନିଶ୍ଚିତ ଭାବରେ ମିଳିପାରିବ, ସେଥିପାଇଁ କାର୍ଯ୍ୟକ୍ରମ ତଥା ନୀତି ନିର୍ଦ୍ଧାରଣ କରାଯାଉ ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଖସଡ଼ା ସଂପର୍କରେ ଆଲୋଚନା କରିବାପାଇଁ ନିକଟରେ ଅନୁଷ୍ଠିତ ଜାତୀୟ ଉନ୍ନୟନ ପରିଷଦର ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଯେଉଁ ଭାଷଣ ଦେଇଥିଲେ, ସେହି ଭାଷଣରୁ ଏ ରଚନାଟି ପ୍ରସ୍ତୁତ ।

ବୃନ୍ଦାବନ ତ୍ରିପାଠୀ

# ଦେଶର ବିକାଶରେ ପରିସଂଖ୍ୟାନ ବିଜ୍ଞାନର ଭୂମିକା

ସାଧାରଣ ବ୍ୟକ୍ତି ହିସାବରେ ମୁଁ ଜାଣେ ଯେ ସଂଖ୍ୟାନ ବିଜ୍ଞାନ ଅତି ପୁରାତନ ଏବଂ ବିଭିନ୍ନ ରେ ଏହାର ପ୍ରୟୋଗ କରାଯାଇ ଦେଶ ଏବଂ ଜ୍ୟର ଶାସନ ଶୃଙ୍ଖଳିତ କରାଯାଉଥିଲା ଏବଂ ଜନ ଣ କାର୍ଯ୍ୟକ୍ରମର ଧାରା ଓ ମାତ୍ରା ନିର୍ଦ୍ଧାରଣ ଯାଉଥିଲା । ଚାଣକ୍ୟଙ୍କର ଅର୍ଥନୀତି ଶାସ୍ତ୍ରରୁ ର ପ୍ରମାଣ ମିଳେ । ଇଂରେଜ ସରକାରଙ୍କ ରେ ଦେଶର ଉନ୍ନତି ପ୍ରତି କ୍ୱଚିତ ଦୃଷ୍ଟି ଦେଇ ନ ଆଇନ ଶୃଙ୍ଖଳା ରକ୍ଷାପ୍ରତି ଅଧିକ ଧ୍ୟାନ ଯାଉ ଥିବାରୁ ପରିସଂଖ୍ୟାନର ଆବଶ୍ୟକତା ଧିକ ଅନୁଭୂତ ହେଉ ନଥିଲା । ତେଣୁ ଅନ୍ୟାନ୍ୟ ମୀ ଦେଶ ତୁଳନାରେ ଆମେ ପରିସଂଖ୍ୟାନ ରେ ବହୁତ ପଛରେ ପଡ଼ି ଯାଇଛୁଁ । ଏପରିକି ଜ ସରକାରଙ୍କ ରାଜତ୍ୱରେ ମଧ୍ୟ ଆମ ଦେଶରେ ରେକ୍ଟର-ଜେନେରାଲ ଅଫ୍ କମର୍ସିଆଲ ଲିଜେନ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ ଭଳି ସଂସ୍ଥାମାନ କରାଯାଇ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ ଉଥିଲା । ଗତ ମହାଯୁଦ୍ଧ ସମୟରୁ ଦେଶର ନ, ବଣ୍ଟନ ଏବଂ ମୂଲ୍ୟ ସୂଚୀକୁ ନିୟନ୍ତ୍ରିତ କରିବା ପାଇଁ ପରିସଂଖ୍ୟାନର ଆବଶ୍ୟକତା ଅଧିକ ଭାବରେ ଅନୁଭୂତ ହେଉଥିଲା ଏବଂ ସ୍ୱାଧୀନତା ପରେ ଦେଶରେ ଯୋଜନାବଦ୍ଧ ଅର୍ଥନୀତିର ପ୍ରଚଳନ ହେବା ସଙ୍ଗେ ସଙ୍ଗେ ବିଭିନ୍ନ କ୍ଷେତ୍ର ପାଇଁ ଯୋଜନା ପ୍ରଣୟନ କରି ସେଗୁଡ଼ିକୁ ଯଥାଯଥ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପରିସାଂଖ୍ୟିକ ତଥ୍ୟ ଅପରିହାର୍ଯ୍ୟ ମନେହେଲା । ଏଣୁ ସାରା ଦେଶରେ ପରିସଂଖ୍ୟାନର ଉନ୍ନତି ପାଇଁ ଦୃଢ଼ପଦକ୍ଷେପ ନିଆଗଲା ।

ପରିସଂଖ୍ୟାନବିତ୍ ମାନେ ନିର୍ଭୁଲ ତଥ୍ୟ ସଂଗ୍ରହ କରି ସେଗୁଡ଼ିକୁ ଉପଯୁକ୍ତ ଭାବରେ ଅନୁଶୀଳନ କରି ଶାସକ ଗୋଷ୍ଠୀ ଓ ବିଭିନ୍ନ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରୁଥିବା କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରନ୍ତି । ଆମ ଦେଶରେ ଗତ ତିନୋଟି ଯୋଜନାର ମୂଲ୍ୟାଙ୍କନରୁ ଜଣାଯାଏ ଯେ, ଯଦି ଆମ ଯୋଜନାମାନଙ୍କରୁ ବାଞ୍ଛିତ ଫଳ ମିଳ-ନାହିଁ, ତେବେ ତାହା ମୁଖ୍ୟତଃ ନିର୍ଭୁଲ ତଥ୍ୟ ଅଭାବରୁ ଭଲ ଯୋଜନା ପ୍ରଣୟନକାରୀ ଓ ତାହାକୁ କାର୍ଯ୍ୟକାରୀ କରୁଥିବା କର୍ମଚାରୀମାନଙ୍କର ଉପଯୁକ୍ତ ଓ ନିର୍ଭୁଲ ତଥ୍ୟ ଉପରେ ନିର୍ଭରତାର ଅଭାବରୁ

ଘଟିଛି । ଯେଉଁ ଯୋଜନା ଉପଯୁକ୍ତ ଓ ନିର୍ଭୁଲ ତଥ୍ୟ ଉପରେ ପ୍ରତିଷ୍ଠିତ, ସେହି ଯୋଜନାର କାର୍ଯ୍ୟକାରିତା ଉପରେ ଯଦି ଅବହେଳା ବା ଅସାଧୁ ମନୋବୃତ୍ତି ନଥାଏ, ତେବେ ସେଥିରୁ ନିଶ୍ଚୟ ଉଦ୍ଦିଷ୍ଟ ଫଳ ମିଳିବ । ଉଦାହରଣ ସ୍ୱରୂପ, ଆମ ରାଜ୍ୟରେ ଖାଦି ଓ ଗ୍ରାମ ଶିଳ୍ପ ନାମରେ ଯେଉଁ ସବୁ ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠିତ ହୋଇଛି ସେଗୁଡିକରୁ ଅଧିକାଂଶ କ୍ଷେତ୍ରରେ କୌଣସି ସୁଫଳ ମିଳିନାହିଁ — କାରଣ ଗୋଟିଏ ଶିଳ୍ପାନୁଷ୍ଠାନ ଗଢିବାପାଇଁ ନିଷ୍ପତ୍ତି ନେବା ପୂର୍ବରୁ ଜଳବାୟୁ, କଞ୍ଚାମାଲ, ଶ୍ରମିକ ଏବଂ ଉତ୍ପାଦିତ ଦ୍ରବ୍ୟର ବିକ୍ରି ପାଇଁ ବଜାର ଇତ୍ୟାଦି ବିଷୟରେ ଯେଉଁ ସବୁ ତଥ୍ୟ ଆବଶ୍ୟକ ସେହି ସବୁ ତଥ୍ୟ ଭିତ୍ତିରେ ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ । ସେହିପରି ଆମ ଦେଶରେ କୃଷିକାର୍ଯ୍ୟ ସଫଳ ହେବାପାଇଁ ଆବାଦ ଯୋଗ୍ୟ ଜମିର ପରିମାଣ, ଭୂମିର କିସମ, ଜଳସେଚନ ଇତ୍ୟାଦି ଆନୁଷଙ୍ଗିକ ନିର୍ଭୁଲ ତଥ୍ୟ ସବୁର ଅଭାବ ରହିଛି । ଏଣୁ ସମସ୍ତ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟକ୍ରମ ସବୁ ସଫଳ କରିବା ପାଇଁ ଶାସକ ଗୋଷ୍ଠୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ତଥ୍ୟ ଉପରେ ନିର୍ଭର କରି କାର୍ଯ୍ୟକରିବାକୁ ପଡିବ ।

ଆମ ରାଜ୍ୟରେ ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକସ୍ ଆଣ୍ଡ ଇକନମିକ୍ସ ରାଜ୍ୟ ପ୍ରଧାନ ପରିସଂଖ୍ୟାନ ସଂସ୍ଥା । ଏହି ସଂସ୍ଥା ଜରିଆରେ ରାଜ୍ୟର ସମସ୍ତ ପ୍ରକାର ତଥ୍ୟ ବୈଜ୍ଞାନିକ ଉପାୟରେ ସଂଗ୍ରହ କରାଯାଇ ବିଭିନ୍ନ କାର୍ଯ୍ୟରେ ବିନିଯୋଗ ହେବାପାଇଁ ପରିବେଷଣ କରାଯାଇଥାଏ । ଏହି ତଥ୍ୟମାନଙ୍କ ମଧ୍ୟରୁ କେତେକ ଏହି ସଂସ୍ଥାଦ୍ୱାରା ଫିଲ୍ଡ ସର୍ଭେ ମାଧ୍ୟମରେ ମୌଳିକ ସୂତ୍ରରୁ ସଂଗୃହୀତ ହୁଏ ଏବଂ ଅନ୍ୟଗୁଡିକ ସରକାରୀ ସଂସ୍ଥାମାନଙ୍କରୁ ସଂଗୃହୀତ ହୁଏ । ଏହି ସବୁ ତଥ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ଅନୁଶୀଳନ କରାଯାଇ ବିଭିନ୍ନ ଯୋଜନାର ପ୍ରଣୟନ ଓ କାର୍ଯ୍ୟକାରିତାରେ ବିନିଯୋଗ



କରାଯାଏ । ରାଜ୍ୟ ପ୍ରଧାନ ସଂସ୍ଥା ଅଧୀନ
ଜିଲ୍ଲା ପରିସଂଖ୍ୟାନ ସଂସ୍ଥା କାର୍ଯ୍ୟ କରନ୍ତି ।
ଜିଲ୍ଲା ପରିସଂଖ୍ୟାନ ସଂସ୍ଥା ଜିଲ୍ଲା ସ୍ତରରେ ବିଭିନ୍ନ ତ
ସଂଗ୍ରହ କରି ସଂକଳନ କରନ୍ତି, ଯାହାର ବ୍ୟବ
ଓ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚା
ମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରେ
ମୁଖ୍ୟତଃ କହିବାକୁ ଗଲେ ରାଜ୍ୟ ଓ ଜିଲ୍ଲା ସ୍ତରରେ
ବିଭିନ୍ନ ଶାସନ ଓ ଉନ୍ନତି ମୂଳକ କାର୍ଯ୍ୟ ଦାୟିତ୍ୱରେ
ଥିବା କର୍ମଚାରୀମାନେ ସେମାନଙ୍କର ଦୈନନ୍ଦି
କାର୍ଯ୍ୟରେ ନିର୍ଭୁଲ ତଥ୍ୟର ଆବଶ୍ୟକତା ଅନୁଭ
କରିବା ଉଚିତ ଏବଂ ସେମାନଙ୍କର କାର୍ଯ୍ୟକ୍ଷେତ୍ର
ପାରିସାଂଖ୍ୟିକ ଚାହିଦା ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ଥ
ପରିସଂଖ୍ୟାନ କର୍ମଚାରୀଙ୍କୁ ଜଣାଇ ଦେବା ଉଚି
ତାହାହେଲେ ପରିସଂଖ୍ୟାନ ବିଭାଗ ସେହି ସବୁ ତ
ଯଥାସମ୍ଭବ ସଂଗ୍ରହକରି ଯୋଗାଇ ଦେଇ ପାରିବ
ଅନ୍ୟ ଦିଗରେ ଯେଉଁ କର୍ମଚାରୀମାନେ ବିଭିନ୍ନ ଉନ୍ନ
ମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେମାନେ
ମଧ୍ୟ ସେମାନଙ୍କ ଅଧୀନରେ କାର୍ଯ୍ୟକରୁଥିବା କର୍ମଚା
ମାନଙ୍କ ଦ୍ୱାରା ଯୋଜନା ଦ୍ୱାରା ମିଳୁଥିବା ଫଳାଫ
ଓ ତତ୍‌ସମ୍ବନ୍ଧୀୟ ଆନୁଷଙ୍ଗିକ ତଥ୍ୟ ନିର୍ଭୁ
ଭାବରେ ଲିପିବଦ୍ଧ କରି ରଖିବା ଉଚିତ । ଅନେ
ସମୟରେ ଉପଯୁକ୍ତ କର୍ମଚାରୀମାନେ ଧାରାବାହି
ଭାବରେ ତଥ୍ୟ ଲିପିବଦ୍ଧ କରିବାକୁ ଚେଷ୍ଟା କର
ନାହିଁ । ଉନ୍ନତିମୂଳକ ଯୋଜନାର ଅଗ୍ରଗ
ସେମାନେ ଅତିରଞ୍ଜିତ କରି ରିପୋର୍ଟ ଦିଅ
ଏହାର କାରଣ ଉଣା ଅଧିକରେ ସମସ୍ତଙ୍କ ଜଣା
ଫଳରେ ଉଚ୍ଚ ପଦରେ ଥିବା ଶାସକ ଗୋ
ଅତ୍ୟାଧିକ ଆଶାନ୍ୱିତ ହୋଇ, ପ୍ରକୃତ ରେ
କାରଣରୁ ଆମର ଲକ୍ଷ ପୂରଣ ହୋଇ ପାରୁନାହିଁ
ତା'ର କାରଣ ନିର୍ଦ୍ଧାରଣ କରନ୍ତି ନାହିଁ ଏ
ଆନନ୍ଦରେ ରହନ୍ତି । ଆମର ଯୋଜନା ଉନ୍ନ
ମୂଳକ କାର୍ଯ୍ୟର ଲକ୍ଷ୍ୟ ଯଦି ପୂର୍ଣ୍ଣ ହୋଇ ନ ପାରୁ

ତେବେ ସେହି ଯୋଜନା କାର୍ଯ୍ୟକାରୀ କରୁଥିବା କର୍ମଚାରୀମାନେ ନିର୍ଭିକ ଭାବରେ ତାହା ପ୍ରକାଶ କରିବା ସଙ୍ଗେ ସଙ୍ଗେ, ଉପଯୁକ୍ତ କର୍ମକର୍ତ୍ତାମାନଙ୍କ ସଙ୍ଗେ ଲକ୍ଷ୍ୟ ହାସଲ ନହୋଇ ପାରିବାର କାରଣ ଏବଂ କେଉଁ ପଦକ୍ଷେପ ନେଲେ ଯୋଜନା ସଫଳ ହୋଇ ପାରିବ, ତାହା ଆଲୋଚନା କରି ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବା ଉଚିତ । ଏଣୁ ତଥ୍ୟ ସଂଗ୍ରହ, ସଂକଳନ ଓ ଅନୁଶୀଳନ କ୍ଷେତ୍ରରେ ଅନ୍ୟ ବିଭାଗର କର୍ମକର୍ତ୍ତା ଓ ପରିସଂଖ୍ୟାନ ବିଭାଗ କର୍ମକର୍ତ୍ତାଙ୍କ ମଧ୍ୟରେ ସହଯୋଗ ରହିବା ବାଞ୍ଛନୀୟ । ରାଜ୍ୟ ଓ ଜିଲ୍ଲା ସ୍ତରରେ ଥିବା ପରିସଂଖ୍ୟାନ ସଂସ୍ଥାର ଉପଯୁକ୍ତ ବ୍ୟବହାର ପାଇଁ ଅନ୍ୟାନ୍ୟ କର୍ମଚାରୀମାନେ ଚେଷ୍ଟା କରିବା ଉଚିତ ଏବଂ ସେମାନଙ୍କର କାର୍ଯ୍ୟପାଇଁ ସେମାନେ ନିର୍ଭୁଲ ତଥ୍ୟର ସାହାଯ୍ୟ ନେବା ଉଚିତ । ଅପର ପକ୍ଷରେ ପରିସଂଖ୍ୟାନ ସଂସ୍ଥାର କାର୍ଯ୍ୟ ଏପରି ହେବା ଉଚିତ, ଯେପରିକି ରାଜ୍ୟ ଓ ଜିଲ୍ଲା ସ୍ତରରେ ଅନ୍ୟ ବିଭାଗମାନେ ଏହାର ଉପକାରିତା ଓ କାର୍ଯ୍ୟକାରିତା ଅନୁଭବ କରିପାରିବେ ଏବଂ ସର୍ବଦା ଏହି ସଂସ୍ଥାର ସାହାଯ୍ୟ ଲୋଡ଼ିବେ ।

ସମ୍ବଲପୁର ଜିଲ୍ଲାରେ ସଘନ କୃଷିଯୋଜନା କାର୍ଯ୍ୟକାରୀ ହେଉଥିବାରୁ ଏହି ଯୋଜନାର ମୂଲ୍ୟାଙ୍କନ କରିବା ପାଇଁ ଜିଲ୍ଲାସ୍ତରୀୟ ପରିସଂଖ୍ୟାନ ସଂସ୍ଥା ସହିତ ଆଉ ଗୋଟିଏ ମୂଲ୍ୟାଙ୍କନ ସଂସ୍ଥା କାର୍ଯ୍ୟ କରୁଛି ଏବଂ ଏହି ଅନୁଷ୍ଠାନ ମଧ୍ୟ ଆଜିର ଉଦ୍‌ଘାଟିତ ନବନିର୍ମିତ ଗୃହରେ କାର୍ଯ୍ୟ କରିବ । ଏହି ଜିଲ୍ଲା କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କର ପଥପ୍ରଦର୍ଶକ ହେବ ବୋଲି ଆଶା କରାଯାଉଛି । ଏହି ସଘନ ଯୋଜନା ସମ୍ବନ୍ଧୀୟ ପ୍ରକୃତ ତଥ୍ୟ ବିଶ୍ଳେଷଣ କରି କୃଷିର ଉତ୍ତରୋତ୍ତର ଉନ୍ନତି ପାଇଁ ଚେଷ୍ଟା କରାଯିବା ଉଚିତ । ଅନ୍ୟ ଦିଗରେ ଏହି ଜିଲ୍ଲା ଶିଳ୍ପ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିପାରିଛି ଏବଂ ଏହି ଜିଲ୍ଲାର ଶିଳ୍ପ ଅଗ୍ରଗତିର ପ୍ରକୃତ ତଥ୍ୟ ରାଜ୍ୟର ଅନ୍ୟ ଅଞ୍ଚଳରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଦିଗରେ ସାହାଯ୍ୟ କରିବ ; କିନ୍ତୁ ଏହିସବୁ ତଥ୍ୟର ନିର୍ଭୁଲ ସଂଗ୍ରହ ଓ ବିଶ୍ଳେଷଣ ଶିଳ୍ପାନୁଷ୍ଠାନର କର୍ମଚାରୀମାନଙ୍କ ଉପରେ ନିର୍ଭର କରେ । ମୋର ଆଶା ଏହି ଜିଲ୍ଲାର କୃଷି ବିଶେଷଜ୍ଞ ଓ ଶିଳ୍ପପତିମାନେ ଜିଲ୍ଲାସ୍ତରୀୟ ପରିସଂଖ୍ୟାନ ସଂସ୍ଥା ସହିତ ସମ୍ପର୍କ ଓ ସହଯୋଗ ସ୍ଥାପନ କରି ତାଙ୍କର ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବେ ।

ଏଣୁ ମୋର ଆଶା, ଅନ୍ୟାନ୍ୟ କର୍ମରତ ଗୋଷ୍ଠୀ ସରକାରୀ ଓ ବେସରକାରୀ ଶିଳ୍ପପତି ଗୋଷ୍ଠୀ ଏବଂ ପରିସଂଖ୍ୟାନ କର୍ମଚାରୀମାନେ ସେମାନଙ୍କର ଦାୟିତ୍ୱରେ ସଜାଗ ରହି ଏବଂ ପରସ୍ପର ସହଯୋଗୀ ମନୋବୃତ୍ତି ନେଇ କାର୍ଯ୍ୟ କଲେ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନା ଓ ଶିଳ୍ପାନୁଷ୍ଠାନମାନ ଉନ୍ନତି ପଥରେ ଅଗ୍ରସର ହୋଇ ପାରିବ ।

ନିକଟରେ ସମ୍ବଲପୁରଠାରେ ପରିସଂଖ୍ୟାନ କାର୍ଯ୍ୟାଳୟ ପାଇଁ ଏକ ନୂତନ ଗୃହ ଉଦ୍‌ଘାଟନ ଉପଲକ୍ଷେ ଓଡ଼ିଶାର କୃଷି ଉପମନ୍ତ୍ରୀ ଶ୍ରୀ ବୃନ୍ଦାବନ ତ୍ରିପାଠୀ ଦେଇଥିବା ଭାଷଣରୁ ଉଦ୍ଧୃତ ।

ଭାବୀ ବଂଶଧରଙ୍କୁ

ସୁଖୀ ଓ ସମୃଦ୍ଧ କରିବାର ଏକମାତ୍ର ପନ୍ଥା

ପରିବାର ନିୟନ୍ତ୍ରଣ

ନିୟନ୍ତ୍ରିତ ପରିବାର ଜାତିର ମେରୁଦଣ୍ଡ

ନିକଟତମ

ପରିବାର କଲ୍ୟାଣ କେନ୍ଦ୍ରରୁ

ପରାମର୍ଶ ନିଅନ୍ତୁ ।

[ ରାଜ୍ୟ ପରିବାର ନିୟନ୍ତ୍ରଣ ସଂସ୍ଥା ]

ଏସ୍. ଏମ୍. ଗନି

# ସୁନ୍ଦରଗଡ଼ ଜିଲ୍ଲା

ସୁନ୍ଦରଗଡ଼ ଜିଲ୍ଲା ଓଡ଼ିଶାର ଉତ୍ତର ସୀମାରେ ୨୧°-୩୫′ ଓ ୨୨°-୩୨′ ଉତ୍ତର ଅକ୍ଷାଂଶ ଏବଂ ୮୩°-୩୨″ ଓ ୮୪°-୨୨″ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହାର ଉତ୍ତର ସୀମାରେ ବିହାର ପ୍ରଦେଶର ରାଞ୍ଚି ଓ ସିଂହଭୂମ ଜିଲ୍ଲା, ଦକ୍ଷିଣରେ ସମ୍ବଲପୁର ଜିଲ୍ଲା, ପଶ୍ଚିମରେ ମଧ୍ୟପ୍ରଦେଶର ରାୟଗଡ଼ ଜିଲ୍ଲା ଓ ପୂର୍ବରେ କେନ୍ଦୁଝର ଜିଲ୍ଲା ଅବସ୍ଥିତ । ପ୍ରାକ୍ତନ ଗାଙ୍ଗପୁର ଓ ବଣାଇ ଦେଶୀୟ ରାଜ୍ୟ ଦୁଇଟିର ସମ୍ମିଶ୍ରଣରେ ୧୯୪୭ ମସିହା ର ଏହି ଜିଲ୍ଲାଟି ସୃଷ୍ଟି କରାଯାଇଥିଲା । ସଦର ମହକୁମା ସହର 'ସୁନ୍ଦରଗଡ଼'ର ନାମ ଅନୁସାରେ ଜିଲ୍ଲାର ନାମକରଣ ହୋଇଛି । 'ସୁନ୍ଦରଗଡ଼'ର ଅର୍ଥ 'ମନୋରମ ସହର' ।

**ପ୍ରାକୃତିକ ଭୂଗୋଳ**—ବିସ୍ତୃତ ପାହାଡ଼ ପର୍ବତ ଓ ଉପତ୍ୟକାକୁ ନେଇ ଏହି ଜିଲ୍ଲା ଗଠିତ । ଏହି ଜିଲ୍ଲାର ଦୁଇଟି ବିଶିଷ୍ଟ ଉପତ୍ୟକା ହେଲା, ପଶ୍ଚିମାଞ୍ଚଳରେ ଥିବା 'ଇବ୍' ଉପତ୍ୟକା ଓ ପୂର୍ବାଞ୍ଚଳରେ ଥିବା ବ୍ରାହ୍ମଣୀ ଉପତ୍ୟକା । ସଦର ସବ୍-ଡିଭିଜନର ଅନ୍ୟାନ୍ୟ ସ୍ଥାନଗୁଡ଼ିକ ଉଚ୍ଚମାଳ ଅଧିତ୍ୟକାକୁ ନେଇ ଗଠିତ ହୋଇଛି ଓ ଏହି ସ୍ଥାନଗୁଡ଼ିକର ହାରାହାରି ଉଚ୍ଚତା ହେଲା ୭୦୦ ଫୁଟ । ଏହାର ସ୍ଥାନେ ସ୍ଥାନେ ପାହାଡ଼ ଓ ୨,୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ଗିରି ଶୃଙ୍ଗ ରହିଛି । ହେମଗିର ଥାନାର ସୁଦୂର ପଶ୍ଚିମାଞ୍ଚଳରେ ସାଧାରଣତଃ ଏହିଭଳି ଶୃଙ୍ଗ ଦୃଷ୍ଟିଗୋଚର ହୁଏ । ଉତ୍ତର ଦିଗରେ ଅଧିତ୍ୟକା କ୍ରମଶଃ ଉଚ୍ଚ ହୋଇଛି । ଦକ୍ଷିଣ-ପୂର୍ବରେ ବଣାଇ ସବ୍‌ଡିଭିଜନ୍ ସେହି ଅଞ୍ଚଳକୁ ନେଇ ଗଠିତ ହୋଇଛି ତାହା ବନ୍ଧୁର ପାହାଡ଼ିଆ ଅଞ୍ଚଳ ଓ ଅରଣ୍ୟରେ ପରିପୂର୍ଣ୍ଣ । ଜଳ ପ୍ରପାତ ଓ ଗିରିସଂକଟ ପାହାଡ଼-ଗୁଡ଼ିକୁ ବିଖଣ୍ଡିତ କରିଛି । ସେହି ଅଞ୍ଚଳରେ ବ୍ରାହ୍ମଣୀ ଓ ତାର ଶାଖା ନଦୀମାନଙ୍କ ଦ୍ୱାରା ପରିପୁଷ୍ଟ ଗୋଟିଏ ସଂକୀର୍ଣ୍ଣ ଅଧିତ୍ୟକା ରହିଛି । ଏହି ଅଞ୍ଚଳରେ ଅନେକ ଝରଣା ପ୍ରବାହିତ ହୋଇଛି । ଓ ବର୍ଷାଦିନେ ଏହାରେ ପ୍ରବଳ ସ୍ରୋତ ହୁଏ ଓ ସ୍ଥାନେ ସ୍ଥାନେ ଯୋଗାଯୋଗ ଅଳ୍ପ ସମୟ ପାଇଁ ବ୍ୟାହତ ହୋଇଥାଏ । ବ୍ରାହ୍ମଣୀ ଉପତ୍ୟକାର ପୂର୍ବ ଓ ପଶ୍ଚିମରେ ଉତ୍ତୁଙ୍ଗ ପର୍ବତ ମାଳା ରହିଛି । ସେଥି ମଧ୍ୟରୁ ମାଙ୍କଡ଼ନଚ୍ଚ (୩,୬୩୯ ଫୁଟ), ଢେଲଆଶୋକା (୩,୩୦୫ ଫୁଟ) ଓ ବଡ଼କାଣି (୨,୯୭୫ ଫୁଟ) ପ୍ରଧାନ । ଶେଷୋକ୍ତ ପର୍ବତଟିର

ଯଥେଷ୍ଟ ଗୁରୁତ୍ୱ ରହିଛି, କାରଣ ରାଉରକେଲା କାରଖାନାର ବ୍ୟବହାର ନିମନ୍ତେ ସେଠାରୁ ଲୁହା ପଥର ମିଳିଥାଏ । ବ୍ରାହ୍ମଣୀ ଉପତ୍ୟକାର ପଶ୍ଚିମରେ ଥିବା ପର୍ବତମାଳା ଦ୍ୱାରା ବିଶେଷ ଉପକାର ସାଧିତ ହୁଏ ନାହିଁ । ଏହି ପର୍ବତମାଳାର ଶୃଙ୍ଗଗୁଡ଼ିକ ଅପେକ୍ଷାକୃତ କମ୍ ଉଚ୍ଚତା ବିଶିଷ୍ଟ ଓ ସେଗୁଡ଼ିକର ଉଚ୍ଚତା ୨,୦୦୦ରୁ ୨,୭୫୦ ଫୁଟ ମଧ୍ୟରେ । ଏହି ଜିଲ୍ଲାର ଜଙ୍ଗଲଗୁଡ଼ିକ ୨,୦୮୩ ବର୍ଗ ମାଇଲ ଅଧିକାର କରିଛନ୍ତି । ଏହି ଜଙ୍ଗଲମାନଙ୍କରେ ପ୍ରଧାନତଃ ଶାଳ, ଅସନ ଓ କୁସୁମ ବୃକ୍ଷ ଦେଖାଯାଏ । ଅପେକ୍ଷାକୃତ କମ୍ ଗୁରୁତ୍ୱ ପୂର୍ଣ୍ଣ ବନଜାତ ଦ୍ରବ୍ୟ ମଧ୍ୟରେ ବାଉଁଶ, ଲାକ୍ଷ ଓ ଅଠା ପ୍ରଧାନ । ଇବ୍ ନଦୀର ଉପତ୍ୟକାରେ ପଥରକୋଇଲା ରହିଥିବା ଜଣାଯାଏ । ମାଙ୍ଗାନିଜ ଚୂନ ପଥର, ଲୁହା ପଥର, କେଓଲିନ୍ ଓ ଅଗ୍ନି-ନିରୋଧକ ମୃତ୍ତିକା (ଫାୟାର କ୍ଲେ) ଖଣିଗୁଡ଼ିକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯିବା ଦ୍ୱାରା ଜନସାଧାରଣଙ୍କ ଅର୍ଥନୈତିକ କାର୍ଯ୍ୟକଳାପକୁ ଦ୍ରୁତଗତିରେ ଶିଳ୍ପାଭିମୁଖୀ କରାଯାଉଛି । (ସେନ୍‌ସସ୍ ଅଫ ଇଣ୍ଡିଆ-୧୯୬୧, ଦ୍ୱାଦଶ ଭାଗ, ୯ମ-ଖ-ଖଣ୍ଡ ପୃଷ୍ଠା-୩୩୭) ।

**ଆୟତନ ଓ ଲୋକସଂଖ୍ୟା**—ଏହି ଜିଲ୍ଲାର ଆୟତନ ୩,୭୮୦ ବର୍ଗ ମାଇଲ ବା ୯,୮୧୦.୯ ବର୍ଗ କିଲୋମିଟର ଓ ଲୋକ ସଂଖ୍ୟା ହେଉଛି ୭୫୮,୬୧୭ । ଏଥି ମଧ୍ୟରୁ ୩୯୬,୨୧୪ ଜଣ ପୁରୁଷ ଓ ୩୬୨,୪୦୩ ଜଣ ସ୍ତ୍ରୀଲୋକ । ତେଣୁ ପ୍ରତି ଏକ ହଜାର ପୁରୁଷ ଲୋକ ତୁଳନାରେ ସ୍ତ୍ରୀ ଲୋକଙ୍କ ଆନୁପାତିକ ହାର ହେଉଛି ୯୧୫ । ପ୍ରତି ବର୍ଗ-ମାଇଲରେ ୨୦୨ ଜଣ ବାସ କରନ୍ତି । ତଫସିଲଭୁକ୍ତ ସଂପ୍ରଦାୟଗୁଡ଼ିକର ଲୋକସଂଖ୍ୟା ୪୫୦,୯୧୦ ଓ ତଫସିଲଭୁକ୍ତ ଜାତିର ଲୋକସଂଖ୍ୟା ୭୩,୧୩୪ ।

**ଜଳବାୟୁ**—ଗ୍ରୀଷ୍ମକାଳରେ ପ୍ରବଳ ଗରମ ଓ ବାୟୁମଣ୍ଡଳ ଶୁଷ୍କ ଜଣାପଡ଼େ । ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରବାହିତହେବା ଦ୍ୱାରା ବର୍ଷା ହୁଏ, କିନ୍ତୁ ବୃଷ୍ଟିପାତର ନିର୍ଦ୍ଦିଷ୍ଟ ପରିମାଣ ନାହିଁ । ମଇ ମାସରେ ଅଧିକ ଗରମ ହୁଏ ଓ ସର୍ବୋଚ୍ଚ ତାପମାତ୍ରା ୪୧ ସେଣ୍ଟିଗ୍ରେଡ୍ ହୋଇଥାଏ । ଅଧିକ ଉଚ୍ଚରେ ଅବସ୍ଥିତ କୋଇଡ଼ା ଓ ଟେନ୍‌ସା ଭଳି ସ୍ଥାନମାନଙ୍କରେ ଖରାଦିନେ ଅପେକ୍ଷାକୃତ କମ୍ ଗରମ ହୁଏ । ଡିସେମ୍ବର ମାସରେ ଅଧିକ ଥଣ୍ଡା ହୁଏ ଓ ସର୍ବନିମ୍ନ ତାପମାତ୍ରା ୧୨° ସେଣ୍ଟିଗ୍ରେଡ୍‌କୁ ଖସି ଆସେ । ଏହି ଜିଲ୍ଲାର ସର୍ବନିମ୍ନ ତାପମାତ୍ରା ୪° ସେଣ୍ଟିଗ୍ରେଡ୍ ହୋଇଥିବା ଜଣା ଯାଇଛି । ଏହି ଜିଲ୍ଲାରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧,୬୪୭.୭ ମିଟର (୬୪.୮") । ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ବାର୍ଷିକ ବୃଷ୍ଟିପାତର ଶତକଡ଼ା ୮୭ ଭାଗ ବୃଷ୍ଟି ହୋଇଥାଏ । ସବୁଠାରୁ ଆର୍ଦ୍ର ମାସ ହେଉଛି ଜୁଲାଇ । ବର୍ଷରେ ହାରାହାରି ୭୮ ଦିନ ବର୍ଷା ହୋଇଥାଏ ।

**ସ୍ଥାନ ଓ ଅଧିବାସୀ**—ଓଡ଼ିଶାର ଏହି ଜିଲ୍ଲା ଭୂ-ଖଣ୍ଡ ଛୋଟନାଗପୁର ମାଳଭୂମି ଓ ଦାକ୍ଷିଣାତ୍ୟ ମାଳଭୂମିର ଅନ୍ତର୍ଭୁକ୍ତ । ବନ୍ଧୁର ପଶ୍ଚାଦ୍ଭୂମି, ମାଳଭୂମି, ପାର୍ବତ୍ୟ ଭୂମି ଓ ଉପତ୍ୟକା ଦ୍ୱାରା ଏହି ଜିଲ୍ଲାଟି ବିଖଣ୍ଡିତ ।

ଆଦିବାସୀମାନେ ସେଠାରେ ବହିର୍ଜଗତରୁ ବିଚ୍ଛିନ୍ନ ଭାବରେ ରହୁଥିଲେ । ଖ୍ରୀଷ୍ଟଧର୍ମ ପ୍ରଚାରକମାନଙ୍କ ଆଗମନ ପୂର୍ବରୁ କମାର, କୁମ୍ଭାର, ଦୋକାନଦାର ଓ ତେଲି ବ୍ୟବସାୟୀ ପ୍ରଭୃତି କେତେକ ଅଣ ଆଦିବାସୀ ସଂପ୍ରଦାୟ, ଆଦିବାସୀ ଓ ବହିର୍ଜଗତ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିଲେ । ଆଦିବାସୀମାନଙ୍କର ହିନ୍ଦୁଧର୍ମ ସହିତ ଏକଦା ଘନିଷ୍ଠ ସଂପର୍କ ଥିବା ବିଷୟ ପୁରାଣ ଓ ଐତିହାସିକ ତଥ୍ୟାବଳୀରୁ ସୂଚିତ ହୁଏ । ସେମାନେ କୌଣସି ପ୍ରକାରରେ ଅପେକ୍ଷାକୃତ ସ୍ୱତନ୍ତ୍ର

...ର ପ୍ରଧାନ ସାମାଜିକ ସ୍ରୋତରୁ ବିଚ୍ଛିନ୍ନ ହୋଇ ...ଦୂରେଇ ଗଲେ । ଏହି ଭଳି ଭାବରେ ବିଚ୍ଛିନ୍ନ ...ହେଉଥିବାରୁ ଓ ଐତିହାସିକ ଜ୍ଞାନର ଅଭାବ ...ଯୋଗୁଁ ବିଶ୍ୱ ସମ୍ବନ୍ଧରେ ସେମାନଙ୍କର ସୀମିତ ...ର ଭଙ୍ଗୀର ଫଳହେଲା, ଇତିହାସ ଓ ପୁରାଣର ...ଣରେ କେତେଗୁଡ଼ିଏ ପରମ୍ପରାର ସୃଷ୍ଟି । ଏହି ...ତେନ ସମନ୍ୱିତ ବିଶ୍ୱାସବସ୍ତୁ ଓ ପରମ୍ପରାକୁ ...ସେମାନଙ୍କର ଏକ ସ୍ୱତନ୍ତ୍ର ସାଂସ୍କୃତିକ ...ଘଟିଲା । ବଣ ଜଙ୍ଗଲରେ ବାସ କରୁଥିବା ...ସବୁ ଲୋକେ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ...କରୁଥିବା କୃଷକ ସମାଜଠାରୁ ପୃଥକ୍ ଓ ସେମାନଙ୍କର ଜୀବନ ଧାରଣ ପ୍ରଣାଳୀରେ ମଧ୍ୟ ...ର୍ଥକ୍ୟ ରହିଛି ।

ଊନବିଂଶ ଶତାବ୍ଦୀରେ ସେମାନେ ପ୍ରଥମେ ଖ୍ରୀଷ୍ଟ-ଧର୍ମ ସଂସ୍ପର୍ଶରେ ଆସିଥିଲେ । ସ୍ୱାଧୀନତା ପାଇବା ପରେ ସେମାନଙ୍କୁ ଆମ ଦେଶର ଅନ୍ୟାନ୍ୟ ସଂପ୍ରଦାୟ-ମାନଙ୍କର ଅର୍ଥନୈତିକ ସ୍ତରକୁ ଆଣିବା ପାଇଁ ଆମ ରାଜ୍ୟ ସରକାର ଗୋଟିଏ ଯୋଜନା ବଦ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ । ବନ୍ୟ ସଂପଦର ଉନ୍ନୟନ ତଥା ...ବଦ୍ଧ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ ଯୋଗୁଁ ...ଜଗତର ପ୍ରଭାବ ଏହି ଅଞ୍ଚଳରେ ପଡ଼ିଲା । ଭାରତରେ ନିକଟ ଅତୀତରେ ଯେଉଁ ଶିଳ୍ପ ବିପ୍ଳବ ଦେଖାଦେଲା, ତାହାର ମୂଳପିଣ୍ଡ ରହିଥିଲା ଖଣିଜ ସଂପଦରେ ଆଦିବାସୀ ଅଞ୍ଚଳରେ ।

ଶିଳ୍ପ ପ୍ରସାର ଘଟିବା ଓ ସହରାଞ୍ଚଳ ଗଢ଼ି ଉଠିବା ଫଳରେ ଆଦିବାସୀମାନଙ୍କ ଉପରେ ତାହାର ଯେଉଁ ପ୍ରଭାବ ପଡ଼ିଥିଲା, ସେ ସଂପର୍କରେ ମତାମତ ଦେବା ପୂର୍ବରୁ ଆଦିବାସୀମାନଙ୍କର ଶିଳ୍ପ ପ୍ରସାର ପୂର୍ବବର୍ତ୍ତୀ ସାମାଜିକ-ଅର୍ଥନୈତିକ ଅବସ୍ଥା ସଂପର୍କରେ ଜାଣିବା ନିତାନ୍ତ ଆବଶ୍ୟକ । ଉତ୍ତର ଓଡ଼ିଶାର ହୀରାକୁଦ ...ଠାରୁ ମୟୂରଭଞ୍ଜ ଜିଲ୍ଲାର ଖଣି ଅଞ୍ଚଳ ପର୍ଯ୍ୟନ୍ତ ଏହି ଭୂଖଣ୍ଡର ଆଦିବାସୀମାନଙ୍କ ମଧ୍ୟରେ ନୂତନ ଜାଗରଣ ଦେଖାଦେଇଥିଲା । ଉପରୋକ୍ତ ଅଞ୍ଚଳରେ ରାଉରକେଲା ଇସ୍ପାତ କାରଖାନା, ବରଜାମ୍ଦା ଲୁହା ପଥର ଖଣି, ହୀରାକୁଦ ବନ୍ଧ, ସିମେଣ୍ଟ ଓ ରିଫ୍ରାକ୍ଟେରି କାରଖାନା, ଚୂନ ପଥର ଖଣି ଇତ୍ୟାଦି ବହୁତ ଗୁଡ଼ିଏ କଳକାରଖାନା ଗଢ଼ି ଉଠିଥିଲା ।

୧୯୬୧ ମସିହା ଜନଗଣନାନୁଯାୟୀ ସମଗ୍ର ଓଡ଼ିଶା ରାଜ୍ୟର ଲୋକସଂଖ୍ୟା ଥିଲା ୧୭,୫୪୮,୮୪୬ । ସେଥିମଧ୍ୟରୁ ତଫସିଲଭୁକ୍ତ ସଂପ୍ରଦାୟର ଲୋକସଂଖ୍ୟା ଥିଲା ୪,୨୨୩,୭୫୭ ଓ ତଫସିଲଭୁକ୍ତ ଜାତିର ଲୋକସଂଖ୍ୟା ଥିଲା ୨,୭୬୩,୮୫୮ । ଏହା ମୋଟ ଲୋକସଂଖ୍ୟାର ଯଥାକ୍ରମେ ଶତକଡ଼ା ୨୪.୦୭ ଭାଗ ଓ ଶତକଡ଼ା ୧୫.୭୫ ଭାଗ ଥିଲା । କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଓ ଫୁଲବାଣୀର କେତେକ ଅଞ୍ଚଳ ରାଜ୍ୟର ସମଗ୍ର ଆୟତନର ୧/୩ ଭାଗ ଓ ଏହି ଅଞ୍ଚଳଗୁଡ଼ିକର ଆୟତନ ୨୨,୦୧୪ ବର୍ଗମାଇଲ୍ ଓ ଏହାକୁ ସଂବିଧାନରେ ତଫସିଲଭୁକ୍ତ ଅଞ୍ଚଳରୂପେ ଘୋଷଣା କରାଯାଇଛି ।

ଓଡ଼ିଶାରେ ୬୨ଟି ତଫସିଲଭୁକ୍ତ ସଂପ୍ରଦାୟ ୯୩ଟି ତଫସିଲଭୁକ୍ତ ଜାତି ଓ ୧୧୨ଟି ଅନୁନ୍ନତ ସଂପ୍ରଦାୟ ରହିଛନ୍ତି ।

ଉନ୍ନୟନର ବିଭିନ୍ନ ପର୍ଯ୍ୟାୟ ଅନୁଯାୟୀ ଓଡ଼ିଶାର ଆଦିବାସୀ ସଂପ୍ରଦାୟକୁ ତିନ ଶ୍ରେଣୀରେ ବିଭକ୍ତ କରାଯାଇଛି । ସେମାନେ ହେଲେ ଆଦିମ ଅଧିବାସୀ, ପରିବର୍ତ୍ତନ ମଧ୍ୟଦେଇ ଗତି କରୁଥିବା ଆଦିବାସୀ ଓ ଆଧୁନିକ ସଭ୍ୟତା ଦ୍ୱାରା ପ୍ରଭାବିତ ଆଦିବାସୀ । ଆଦିମ ଅଧିବାସୀମାନେ ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ବାସ କରନ୍ତି ଓ ସେମାନେ ଖୁବ୍ ରକ୍ଷଣଶୀଳ । ସେମାନେ ପୋଡ଼ୁ ବା ଉଠାଚାଷରେ ଅଭ୍ୟସ୍ତ । ପରିବର୍ତ୍ତନ ମଧ୍ୟଦେଇ ଗତି କରୁଥିବା ଆଦିବାସୀମାନେ ପାର୍ବତ୍ୟ ପାଦ ଦେଶରେ ବାସ କରନ୍ତି ଓ ସେମାନେ

କେତେକାଂଶରେ ଉଠାଚାଷ ଉପରେ ନିର୍ଭର କରନ୍ତି । ଆଧୁନିକ ସଭ୍ୟତା ଦ୍ୱାରା ପ୍ରଭାବିତ ଆଦିବାସୀମାନଙ୍କଠାରେ ଆଦିବାସୀ ଚରିତ୍ରର ଅଳ୍ପ କିଛି ଦେଖିବାକୁ ମିଳିଲେ ମଧ୍ୟ ସେମାନେ ସାମାଜିକ ଜୀବନଧାରାର ବହୁତ ଅଂଶ ଗ୍ରହଣ କରିସାରିଛନ୍ତି ।

ଉତ୍ତର ଓଡ଼ିଶାରେ ଆମେ ଏହି ତୃତୀୟ ଶ୍ରେଣୀର ଆଦିବାସୀ ଦେଖିବାକୁ ପାଉ । ସେମାନେ ହେଲେ ମୁଣ୍ଡା, ଓରାଓଁ, ଖଡ଼ିଆ, ଭୂୟାଁ, ଭୂମିଜ, କିଷାନ୍ ଓ ସାନ୍ତାଳ । ଏମାନେ ସମସ୍ତେ କୋଲ୍‌ହ୍ୱାରିୟ ଓ ମୁଣ୍ଡା ଶାଖାର ବିଭିନ୍ନ ଭାଷା କହନ୍ତି । ରାଉରକେଲା ସହରପଟେ ଥିବା ଅଧିବାସୀମାନେ "ଶଦ୍ରୀ" ଭାଷା କହନ୍ତି ଓ ଏହା ସେହି ଅଞ୍ଚଳର ଅଧିବାସୀମାନଙ୍କର କଥିତ ଭାଷା । ରାଉରକେଲାରେ ଓ ଡା'ଲକଣ୍ଟରେ ଆମେ ଯେଉଁ ବାସଚ୍ୟୁତ ଆଦିବାସୀମାନଙ୍କୁ ଦେଖୁ, ସେମାନେ ରାଉରକେଲା ଇସ୍ପାତ୍ କାରଖାନା, ରେଳପଥ ଓ ଅନ୍ୟାନ୍ୟ କାରଖାନା ପାଇଁ ଜମିଦାଖଲ ଯୋଗୁଁ ବାସଚ୍ୟୁତ ହୋଇ ସେଠାକୁ ଆସିଛନ୍ତି । ଅନ୍ୟାନ୍ୟ ଆଦିବାସୀମାନେ ଅର୍ଥ ଉପାର୍ଜନ କରିବା ଆଶାରେ ଓଡ଼ିଶା ଓ ବିହାରର ପଡ଼ୋଶୀ ଜିଲ୍ଲାମାନଙ୍କରୁ ଆସିଛନ୍ତି । ସେମାନେ ପ୍ରଧାନତଃ ମୁଣ୍ଡା, ଖଡ଼ିଆ, କିଷାନ୍, ଓରାଓଁ ଓ ଭୂୟାଁ । ସେମାନେ ସୁନ୍ଦରଗଡ଼ ଜିଲ୍ଲାରେ ବିଶେଷ ଭାବରେ ଦେଖାଯାଆନ୍ତି । ବିହାରର ରାଞ୍ଚି ଓ ସିଂହଭୂମ ଜିଲ୍ଲାରେ ଏବଂ ଓଡ଼ିଶାର ସମ୍ବଲପୁର, କେଉଁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସେମାନଙ୍କର ଜ୍ଞାତି ଭାଇମାନେ ଅଛନ୍ତି । ଏହିସବୁ ଅଞ୍ଚଳ ଖଣିଜ ସଂପଦରେ ଭରପୂର ଓ ସେଠାରେ ଶିଳ୍ପ ପ୍ରସାର ଦ୍ରୁତ ଭାବରେ ଆଗେଇ ଚାଲିଛି । ସେମାନେ ସେମାନଙ୍କର ଭାଷା ଅକ୍ଷୁର୍ଣ୍ଣ ରଖିଛନ୍ତି, କିନ୍ତୁ ଶିଳ୍ପ ପ୍ରସାର ଯୋଗୁଁ ଅନ୍ୟାନ୍ୟମାନଙ୍କ ସଂସ୍ପର୍ଶରେ ବିଶେଷ ଭାବରେ ଆସିବା ଫଳରେ ସେମାନଙ୍କର ଜୀବନଧାରଣ ପ୍ରଣାଳୀରେ ଓ ସାମାଜିକ



ଜୀବନରେ ପରିବର୍ତ୍ତନ ଦେଖା ଦେଇଛି ।
କୃଷିକାର୍ଯ୍ୟ ପରିବର୍ତ୍ତେ ସେମାନଙ୍କଠାରେ ଶିଳ୍ପ
କାର୍ଯ୍ୟ କରିବା ଅଭ୍ୟାସ ଦେଖା ଦେଇଛି । ଅର୍ଥ
ପରିସ୍ଥିତିରେ ଏହି ପ୍ରକାର ପରିବର୍ତ୍ତନ ସେମା
ମଧ୍ୟରେ ଯଥେଷ୍ଟ ଆଲୋଡ଼ନ ସୃଷ୍ଟି କରିଛି
କିନ୍ତୁ ନୂତନ ପରିସ୍ଥିତି ସହିତ ଖାପ ଖୁଆଇ
ଚଳାଇ ନେବା ପାଇଁ ସେମାନେ ଉଦ୍ୟମ କରୁଛ
ଏହି ଆଦିବାସୀମାନଙ୍କୁ ଜାଣିବାକୁ ହେଲେ ଆ
ସେମାନଙ୍କର ସ୍ୱଭ ମାତ୍ର, ସାମାଜିକ ପ୍ରଥା ଓ ପ୍ରଥା
ଏବଂ ଜୀବନଧାରଣର ବୈଶିଷ୍ଟ୍ୟ ସହିତ ଉତ୍ତମ ରୂ
ପରିଚିତ ହେବାକୁ ପଡ଼ିବ ।

କେତେକ ପ୍ରକାର ଖାଦ୍ୟ ପଦାର୍ଥ ବ୍ୟବ
କରିବା ପାଇଁ ସେମାନଙ୍କୁ ବାରଣ କରାଯାଇଛି ।
ଓ ଜନ୍ତୁ ଇତ୍ୟାଦିର ନାମ ଅନୁସାରେ ଆଦିବା
ମାନଙ୍କ ମଧ୍ୟରେ ଗୋଷ୍ଠୀ ବା ଉପ-ବର୍ଗ
ହୋଇଛି । ଯେଉଁ ଜନ୍ତୁ ଅନୁସାରେ ସେମାନ
ଗୋଷ୍ଠୀରେ ନାମକରଣ କରାଯାଇଥାଏ, ସେମାନେ
ସେହି ଜନ୍ତୁ ଶିକାର କରନ୍ତି ନାହିଁ ବା ତାହାର ମା
ଖାଆନ୍ତି ନାହିଁ । ସେମାନେ ସାଧାରଣତଃ ଦୁଗ୍ଧ
ଦୁଗ୍ଧଜାତ ଦ୍ରବ୍ୟ ଖାଇବାକୁ ଆଗ୍ରହୀ ନୁହନ୍ତି
ସ୍ଥାନୀୟ ଗୋ-ମହିଷାଦି ପଶୁଙ୍କଠାରୁ ଖୁବ୍
ପରିମାଣରେ ଦୁଗ୍ଧ ମିଳୁଥିବା ଏହାର ଏକ କାର
ହୋଇପାରେ । ଗୋଟିଏ ଗାଈଠାରୁ ଦୈନିକ ହାରାହା
ଏକ କିଲୋଗ୍ରାମ ଦୁଗ୍ଧ ମିଳିଥାଏ । ସେମାନେ ଗୋ
ମାଂସ ଖାଇବା ସଂପର୍କରେ ମତ ପାର୍ଥକ୍ୟ ରହିଛି
ସେମାନେ ଏହା ବ୍ୟବହାର କରିବା ଉପରେ କୌଣ
କଟକଣା ନ ଥିଲା, କାରଣ ସେମାନେ ଯେ ଏକ
ନିର୍ମଳ ମନରେ ଗୋ-ମାଂସ ଭକ୍ଷଣ କରୁଥିଲେ,
ବିଷୟରେ କୌଣସି ସନ୍ଦେହ ନାହିଁ । ଆଦିବାସୀ
ମାନଙ୍କ ମଧ୍ୟରୁ ଆଜି ଅନେକ ବ୍ୟକ୍ତି ଖ୍ରୀଷ୍ଟ ଧ
ଗ୍ରହଣ କରିଥିଲେ ସୁଦ୍ଧା ହିନ୍ଦୁ ଧର୍ମ ପ୍ରଭ

...ହୋଇ କେତେକ ଆଦିବାସୀ ସଂପ୍ରଦାୟ ... ଉଠାଗ ପରିତ୍ୟାଗ କରିଛନ୍ତି । ଆଦିବାସୀମାନେ ... ଶିକାର ପ୍ରିୟ ଓ ସେମାନେ ମାଛ ଧରିବାକୁ ... ପାଆନ୍ତି ।

ହିନ୍ଦୁ ଓ ଖ୍ରୀଷ୍ଟ ଧର୍ମ ସଂସ୍ପର୍ଶରେ ଆସିବା ପୂର୍ବରୁ ଆଦିବାସୀମାନେ ପ୍ରାକୃତିକ ବସ୍ତୁଗୁଡ଼ିକୁ ଦେବତା ରୂପେ ସେଗୁଡ଼ିକର ଉପାସନା କରୁଥିଲେ । କେତେକ କ୍ଷେତ୍ରରେ ହିନ୍ଦୁ ଦେବ ଦେବୀ ପୂଜିତ ହେଉଛନ୍ତି ଓ ...ଦେବତାଙ୍କ କ୍ରୂର ଦୃଷ୍ଟିରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ତଥା ବନ ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଛେଳି ଓ କୁକୁଡ଼ା ବଳି ଦିଆଯାଇଥାଏ । କୌଣସି ଗୃହରେ ନର୍ମଙ୍ଗଳ ଘଟଣା ଘଟିଲେ ସଂପ୍ରଦାୟ ବା ଗୋଷ୍ଠୀର ଦେବତାଙ୍କୁ ସ୍ମରଣ କରାଯାଏ । ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ବର୍ଷା ଓ ବାୟୁ ପ୍ରଭୃତି ପ୍ରକୃତିର ଭିନ୍ନ ଉପାଦାନଗୁଡ଼ିକୁ ମଧ୍ୟ ଦେବତା ରୂପେ ପୂଜା କରାଯାଏ । ହିନ୍ଦୁ ଧର୍ମରୁ ସେମାନେ ସମ୍ଭବତଃ ଏହା ଗ୍ରହଣ କରିଛନ୍ତି । ଖରାପ ପ୍ରେତାତ୍ମା ବା ପୂର୍ବପୁରୁଷଙ୍କର ଅତୃପ୍ତ ଆତ୍ମା ବା ଭୂତ ପ୍ରେତଙ୍କ ଦ୍ୱାରା ରୋଗ ସୃଷ୍ଟି କରାଯିବା କଥା ସେମାନେ ବିଶ୍ୱାସ କରନ୍ତି ।

ସେମାନେ ଜୀବନର ସଂକଟ ଜନକ ମୁହୂର୍ତ୍ତ ତଥା ... ମୃତ୍ୟୁ, ଝିଅମାନଙ୍କର ପ୍ରଥମ ଋତୁସ୍ରାବ ଓ ...ରା ଇତ୍ୟାଦି ପାଇଁ ବ୍ୟାପକ ଭାବରେ ବିଧିବିଧାନ ପାଳନ କରନ୍ତି । କିନ୍ତୁ ବିବାହ ଓ ଶୁଦ୍ଧି କ୍ରିୟାରେ ... ବିଧିବିଧାନଗୁଡ଼ିକୁ ବିସ୍ତୃତ ଭାବରେ ପାଳନ କରାଯାଇଥାଏ ।

ପିତା ମାତା ସାଧାରଣତଃ ପୁଅଝିଅଙ୍କର ବିବାହ ... ବ୍ୟବସ୍ଥା କରିଥାଆନ୍ତି, କିନ୍ତୁ ସେମାନେ ଏ ...ରେ ନିଜ ପିଲାମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ...ନ୍ତି । ପୁଅ ଝିଅ ପରସ୍ପର ସହିତ ଅବାଧରେ ମେଳାମିଶା କରନ୍ତି । ପ୍ରୌଢ଼ା ବା ବୃଦ୍ଧା ସ୍ତ୍ରୀଲୋକମାନେ ପୁରୁଷମାନଙ୍କ ଭଳି ସମାନ ସ୍ୱାଧୀନତା ଉପଭୋଗ କରନ୍ତି । ଓରାଓଁମାନଙ୍କର ପ୍ରଥା ହେଲା ଯେ ଜଣେ ଅବିବାହିତା ଝିଅ ଯେଉଁ ପୁଅଟିକୁ ବିବାହ ପାଇଁ ପସନ୍ଦ କରିଥିବ, ତାହା ଆଗକୁ ସୁନ୍ଦର ଭାବରେ ନଚିଣା ଦେଇ ନିଜ ମନର କଥା ଜଣାଇ ଦେବ । ଭୂୟାଁ ସଂପ୍ରଦାୟର ଯୁବକ ନିଜର ମନୋମତ ଯୁବତୀ ଖୋସାରେ ଗୋଟିଏ ଧଳାଫୁଲ ପିନ୍ଧାଇ ଦିଏ । ଯୁବତୀ ଯଦି ଫୁଲଟିକୁ ଗ୍ରହଣ କଲା, ତେବେ ବିବାହରେ ଯୁବତୀର ସ୍ୱୀକୃତି ଅଛି ବୋଲି ବୁଝାଯିବ । ବିବାହ ସଂପର୍କରେ ଯୁବକ ଯୁବତୀ ନିଜର ମତାମତ ଅନ୍ୟଏକ ଉପାୟରେ ବ୍ୟକ୍ତ କରିଥାଆନ୍ତି । କୌଣସି ଯୁବତୀ କୌଣସି ଯୁବକର ପତ୍ନୀ ହେବା ପାଇଁ ଯଦି ସ୍ୱୀକୃତି ଦେଇଥାଏ, ତେବେ ସେହି ଯୁବତୀ ଅନ୍ୟାନ୍ୟ ସାଥୀମାନଙ୍କ ସହିତ ଜଂଗଲରେ ଥିବାବେଳେ ଜଂଗଲରୁ ସେହି ଯୁବକ ସହିତ ଅଦୃଶ୍ୟ ହୋଇଯାଏ । ଯୁବତୀ ସହିତ ଜଂଗଲକୁ ଯାଇଥିବା ଅନ୍ୟାନ୍ୟ ଝିଅମାନେ ଗାଁକୁ ଫେରି ଆସି ସେମାନଙ୍କ ମଧ୍ୟରୁ ଜଣକୁ ବାଘ ନେଇଗଲା ବୋଲି ଖବର ଦିଅନ୍ତି । ଏହାପରେ ଗୋଟିଏ ଅନୁସନ୍ଧାନକାରୀ ଦଳ ଗଠିତ ହୁଏ ଓ ସେମାନେ ଘଟଣା ସ୍ଥଳ ପରିଦର୍ଶନ କରି ଯୁବକର ଘରକୁ ଯାଆନ୍ତି ଏବଂ ସେମାନେ ଗାଁରୁ ଗୋଟିଏ ଝିଅକୁ ନେଇ ଆସିଥିବା ଯୋଗୁଁ ଉକ୍ତ ଯୁବକର ରକ୍ତ ଦାବି କରନ୍ତି । ଯୁବକର ପିତାମାତା ରକ୍ତ ପରିବର୍ତ୍ତେ କନ୍ୟା-ସୁନା ବା କିଛି ଟଙ୍କା ଦିଅନ୍ତି ଓ ଗ୍ରାମରେ ଗୋଟିଏ ଭୋଜି କରନ୍ତି । ଏହାପରେ ସଂଗୀତ ଓ ନୃତ୍ୟ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ ।

କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ତାହାର ଶୁଦ୍ଧି କ୍ରିୟା ବ୍ୟୟ ସାପେକ୍ଷ ହୋଇଥାଏ । ଏସଂପର୍କରେ ସୁବିସ୍ତୃତ ବିଧି ବିଧାନ ଅନୁସୃତ ହୁଏ । ସେମାନେ ସକଳ ପ୍ରେତାତ୍ମା ଓ ଭୂତ ପ୍ରେତଙ୍କୁ

ଖୁସି କରନ୍ତି । ମୃତ ଶିଶୁ ଓ କେତେକ ନିର୍ଦ୍ଦିଷ୍ଟ ରୋଗରେ ମୃତ୍ୟୁ ଘଟିଥିବା ବ୍ୟକ୍ତିମାନଙ୍କ ଶବକୁ ଛାଡ଼ିଦେଲେ ଅନ୍ୟ ଶବଗୁଡ଼ିକୁ ଦାହ କରାଯାଏ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ଆଦିବାସୀମାନେ ନିଜର ଆତ୍ମୀୟସ୍ୱଜନଙ୍କ ଶବକୁ ଗାଁ ନିକଟରେ ପୋତି ଦିଅନ୍ତି । ଦାହ କରାଯାଇଥିବା ଶବଗୁଡ଼ିକର ଅସ୍ଥି ଓ ଚିତାଭସ୍ମକୁ ସେହି ସ୍ଥାନରେ ପୋତି ଦିଆଯାଏ । ମୃତ ବ୍ୟକ୍ତିର ମୃତ୍ୟୁର ତୃତୀୟ ଦିବସରେ ଗାଁର ସମସ୍ତଙ୍କୁ ଭୋଜି ଦିଆଯାଏ ଏବଂ ଦେବତା ଓ ଭୂତପ୍ରେତଙ୍କ ଉଦ୍ଦେଶ୍ୟରେ ଖାଦ୍ୟ-ଦ୍ରବ୍ୟ ସମର୍ପଣ କରାଯାଏ । ଏହି ସବୁ ବିଧି ବିଧାନ ପୁରୋହିତଙ୍କ ନିର୍ଦ୍ଦେଶକ୍ରମେ ୧୦ ଦିନ ବା ଚତୁର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ପାଳନ କରାଯାଏ । ଦଣ୍ଡ ପାଇବା ଉଦ୍ଦେଶ୍ୟରେ ମନୁଷ୍ୟକୁ ଅନ୍ୟ ଜୀବରୂପେ ପୃଥିବୀକୁ ପୁନର୍ବାର ପଠାଯାଏ ବୋଲି ସେମାନେ ବିଶ୍ୱାସ କରନ୍ତି ।

ଆଦିବାସୀମାନେ ଜଙ୍ଗଲ ନିକଟରେ ସାଧାରଣତଃ ବାସ କରୁଥିବାରୁ ସେମାନଙ୍କର ନିଜର ଅସ୍ତ୍ରଶସ୍ତ୍ର ଓ ହାତହତିଆର ଥାଏ । ପୁରୁଷମାନେ ସାଧାରଣତଃ ଧନୁଶର ଓ ଶର ଧରି ଥାଆନ୍ତି ଓ ସେମାନଙ୍କ ପାଖରେ ବିମୁଣ୍ଡିଆ କୁରାଢ଼ି ବା ବାଲ୍ଲ ଥାଏ । ଧନୁଶରଟି ବାଉଁଶରେ ତିଆରି ଓ ଧନୁଶରର ଗୁଣଟି ବାଉଁଶ ପାତିଆରେ ତିଆରି ହୋଇଥାଏ । ଶର ଦେହରେ ମୁନିଆ ଲୁହା ଲଗିଥାଏ ଓ ତାହା ଏପରି ଭାବରେ ବନ୍ଧାଯାଇଥାଏ, ଯେପରିକି ତାହା କୌଣସି ଜନ୍ତୁ ଦେହରେ ପ୍ରବେଶ କଲେ, ଗୁରୁତର କ୍ଷତ ସୃଷ୍ଟି ନକରି ବାହାରି ଆସିବ ନାହିଁ । ଛୋଟକାଟିଆ ଜୀବ-ଜନ୍ତୁ ଓ ଚଢ଼େଇ ଶିକାର ପାଇଁ ସେମାନେ ଯେଉଁ ଶର ବ୍ୟବହାର କରନ୍ତି, ତାହାର ଅଗ୍ରଭାଗରେ ମୁନିଆ କାଠ ଦିଆଯାଇଥାଏ । ସେମାନେ ବିଭିନ୍ନ ପ୍ରକାର ଖଣ୍ଡା ବ୍ୟବହାର କରନ୍ତି । ଆଉ ଗୋଟିଏ ଅସ୍ତ୍ର ବିଶେଷ ଉଲ୍ଲେଖଯୋଗ୍ୟ, ତାହା ଲୁହାରେ ତିଆରି ଓ ଦେଖିବାକୁ ଗୋଟିଏ ଥାଳି ପରି । ଏହା ପ୍ରାୟ ... ମୋଟା ଓ ଏହାର ବ୍ୟାସ ପ୍ରାୟ ୩ ଇଞ୍ଚ । ... ବାହାର ପଟ ଖୁବ୍ ତୀକ୍ଷ୍ଣ । ଏହା ଭିତରେ ... ଆଙ୍ଗୁଳି ପୁରାଇ ଘୂରାଇବାକୁ ହୁଏ ଓ ... ଛାଡ଼ି ଦେବାକୁ ପଡେ । ଏହାକୁ ବ୍ୟବହାର କରି ... ଅଭିଜ୍ଞ ବ୍ୟକ୍ତି ୪୦ ଗଜ ଦୂରରୁ ୨ ଇଞ୍ଚ ମୋଟା ... ଗଛକୁ ଅକ୍ଳେଶରେ ଦୁଇ ଖଣ୍ଡ କରିଦେଇ ପାରେ । ଏହି ଆଦିବାସୀମାନେ ସାଧାରଣତଃ ତୀର (ବିଷ... ବ୍ୟବହାର କରନ୍ତି ନାହିଁ । ସେମାନଙ୍କ ଶରୀର ... ଓ ସୁଦୃଢ଼ । ସେମାନଙ୍କର ଗୋଲାକାର ମୁଣ୍ଡ, ... କପାଳ, ଉଚ୍ଚ ହନୁ ହାଡ଼, ଚଉଡ଼ା ନାକ ଓ ... ଚକ୍ଷୁ ସେମାନଙ୍କ ଶରୀରର ବୈଶିଷ୍ଟ୍ୟ । ସେମାନଙ୍କ ଦେହର ରଙ୍ଗ ସାଧାରଣତଃ ଧୂସର, ଆକୃତି ... କିନ୍ତୁ ସୁସମଞ୍ଜସ ଅଙ୍ଗପ୍ରତ୍ୟଙ୍ଗ ଯୋଗୁ ସେମାନେ ବେଶ୍ ଆନୁପାତିକ ହୋଇଥାଏ ।

ମାଘ ପୁନେଇଁ, କରମା, ଚେର ପର୍ବ ଓ ... ପୁନେଇଁ ଉତ୍ସବ ବେଶ୍ ଲୋକପ୍ରିୟ । ଧାନ... ସରିବା ପରେ କରମା ଉତ୍ସବ ଅନୁଷ୍ଠିତ ହୁଏ । କରମା (ଶାଳଗଛ)ର ଦୁଇଟି ଶାଖାକୁ ରଜା ... ରାଣୀ ରୂପେ ବୈବାହିକ ବିଧିରେ ଏକାଠି କରାଯାଏ । ପ୍ରାଚୁର୍ଯ୍ୟଭରା ଏକ ବର୍ଷର ଶୁଭାଗମନ ... ଏହି ଦୁଇଟି ଶାଖାକୁ ଏକତ୍ର କରିବା ଅତ୍ୟାବଶ୍ୟକ ମନେ କରାଯାଏ । ସନ୍ତାନଲାଭ ନିମନ୍ତେ ସନ୍ତାନ ପ୍ରଦାୟିନୀ ଦେବୀ "କରମସାନୀ ବା କରମରାଣୀ"ଙ୍କୁ ସନ୍ତୁଷ୍ଟ କରିବାପାଇଁ ଏହିପରି କରାଯାଏ । ପ୍ରାପ୍ତି ... ସମ୍ପର୍କରେ ରହିଥିବା ଧାରଣାରୁ (ଫର୍ଟିଲିଟି କଲ୍ଟ) ଏହି ଉତ୍ସବ ସୃଷ୍ଟି ହୋଇଛି । ଏହିସବୁ ଉତ୍ସବରେ ସେମାନେ ନାନାପ୍ରକାର ହସ କୌତୁକ ଓ ଉନ୍ମାଦନା ମଧ୍ୟରେ କଟାଇ ଥାଆନ୍ତି । ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଜଗନ୍ନାଥଙ୍କ ରଥଯାତ୍ରା ଓ ଶିବରାତ୍ରି ... ଆଦିବାସୀ ଗାଁରେ ପାଳନ କରାଯାଏ । ହାସ୍ୟ...

…ବାସୀ ଝିଅମାନେ ସେମାନଙ୍କର ପେଣ୍ଡି ଲୁଗା
…ଓ ମୁଣ୍ଡରେ ଧଳା ଫୁଲ ଖୋସି ଏହିସବୁ
…ସି ଆସିଥାଆନ୍ତି । କେତେକ ମଧ୍ୟ ବାହୁ,
…କ, କାନ ଓ ମଣିବନ୍ଧରେ ଅଳଙ୍କାର ପିନ୍ଧ
…ନ୍ତି । ଆଦିବାସୀ ଝିଅମାନେ ଚିତାକୁଟାଇବା
…ସାଧାରଣ କଥା । ଶରୀରକୁ ଚିତ୍ରିତ କରିବା
… ସମ୍ଭବତଃ ଏହିପରି କରାଯାଇଥାଏ ।
…ଶ୍ୟରେ ସମାଜ ବିଜ୍ଞାନବିତ୍‌ମାନଙ୍କ ମଧ୍ୟରେ
…ଭେଦ ରହିଛି ।

…ଦିବାସୀମାନଙ୍କର ମଧ୍ୟ ହସ୍ତଶିଳ୍ପ ରହିଛି ଓ
…ପାଇଁ ସେମାନେ କେତେକ କୌଶଳ ଜାଣି ବନ
…ନ୍ତି । ବୁଣାବୁଣି କରିବାରେ ମୁଣ୍ଡା-
…ଙ୍କର ନିପୁଣତା ରହିଛି । ଓରାଓଁମାନେ
… ଶିଳ୍ପରେ ନିଜର ସମସ୍ତ ପ୍ରକାର
…ଆବଶ୍ୟକତା ପୂରଣ କରନ୍ତି । ବିରହୋରମାନେ
… ଦଉଡ଼ି, ମାଟିପାତ୍ର ଓ କାଠର ଉପକରଣ
… କରିପାରନ୍ତି । ଗଣନୃତ୍ୟରେ ବ୍ୟବହାର
…ଥିବା 'ମଦର' ବାଦ୍ୟ ତିଆରି କରିବାରେ
…ମାନଙ୍କର ପାରଦର୍ଶିତା ଅଛି ବୋଲି କୁହାଯାଏ ।
…ମାନେ ବାଉଁଶରେ ବିଭିନ୍ନ ପ୍ରକାର ଜିନିଷ
…କରୁଥିବାରୁ ଲୋକଙ୍କ ନିକଟରେ ସୁପରିଚିତ ।
…ମାନେ ଏବେ ମଧ୍ୟ ଲୁହା ତରଳାଇବାପାଇଁ
…ଦ୍ଧତି ପ୍ରୟୋଗ କରିଥାନ୍ତି ।

…ଦ୍ୟପାନ ଏକ ସାମାଜିକ ପ୍ରଥାରୂପେ ବିବେଚିତ
… ତରୁଣୀମାନଙ୍କୁ ମଦ୍ୟପାନ ନକରିବାକୁ କୁହା-
…କିନ୍ତୁ ପ୍ରୌଢ଼ା ବା ବୃଦ୍ଧା ସ୍ତ୍ରୀ ଲୋକମାନେ
…ଇଚ୍ଛା ଅନୁସାରେ ମଦ୍ୟପାନ କରିଥାଆନ୍ତି ।
…ଲୋକମାନେ ଜଙ୍ଗଲରୁ ମହୁଆ ଫଳ ସଂଗ୍ରହ
…, କାରଣ ଏହି ଅଞ୍ଚଳରେ ଉକ୍ତ ଫଳ ପ୍ରଚୁର
…ମାଣରେ ମିଳେ । ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ
…ନ ମଦ୍ୟ ପ୍ରସ୍ତୁତ କରି ଅନ୍ୟାନ୍ୟ ଅଞ୍ଚଳରେ
ଥିବା ଭାଟିଗୁଡ଼ିକୁ ତାହା ବିକ୍ରୀ କରନ୍ତି । ହାଣ୍ଡିଆ ମଦ ମଧ୍ୟ ଏ ଅଞ୍ଚଳରେ ବିଶେଷ ଲୋକପ୍ରିୟ । ଆନନ୍ଦ-ଉତ୍ସବରେ ସେମାନେ ନିଶ୍ଚିତ ଭାବରେ ମଦ୍ୟ ପାନ କରନ୍ତି ।

ସେମାନେ ନାଚିବାକୁ ଖୁବ୍ ଭଲ ପାଆନ୍ତି । କୌଣସି ନିର୍ଦ୍ଦିଷ୍ଟ ସଂଧ୍ୟାରେ ବା ସବୁଦିନ ସଂଧ୍ୟାରେ ସେମାନେ ନାଚନ୍ତି । ଗୋଧୂଳି ପରେ ବାଦ୍ୟର ଶବ୍ଦ ଶୁଣାଯାଏ ଓ ଗ୍ରାମର କେନ୍ଦ୍ରସ୍ଥଳରେ ଏକାଠି ହୋଇ ପରସ୍ପରର ହାତ ଧରି ନାଚିବା ପାଇଁ ତାହା ଯୁବକମାନଙ୍କୁ ଆକୃଷ୍ଟ କରେ । ତାଳ ରକ୍ଷି ବାଜୁଥିବା ବାଦ୍ୟ ନାଦରେ ଆକୃଷ୍ଟ ହୋଇ ବୟସ୍କମାନେ ମଧ୍ୟ ସେମାନଙ୍କ ସହିତ ଯୋଗ ଦିଅନ୍ତି । କେତେ ବାପା ଓ କେତେ ମା' ମାନେ ମଧ୍ୟ ସେମାନଙ୍କ ନାତିନାତୁଣୀଙ୍କ ସଙ୍ଗେ ଏଠାରେ ନାଚି ଥାଆନ୍ତି । ପରସ୍ପରର ହାତଧରି ସେମାନେ ଅର୍ଦ୍ଧ ବୃତ୍ତାକାରରେ ନାଚନ୍ତି । ସେମାନେ ଆଗକୁ ଝୁଙ୍କି ପଡ଼ନ୍ତି ଓ ପଛକୁ ଫେରି ଯାଆନ୍ତି । ଏହି ନୃତ୍ୟ ପଦ୍ଧତି ବଡ଼ ଜଟିଳ । ସେମାନେ କ୍ରମଶଃ ବୃତ୍ତାକାରରେ ବିଶିଷ୍ଟ ବାଦ୍ୟଗୁଡ଼ିକ ସ୍ୱରପରେ ନାଚନ୍ତି । ଏତ ବିସ୍ମୟର କଥା ଯେ, ବୃଦ୍ଧାମାନଙ୍କୁ ଉତ୍କୃଷ୍ଟ ନର୍ତ୍ତକୀ ବୋଲି ମନେ କରାଯାଏ । ଯୁବତୀ-ମାନେ ସଂଯତ ଭାବରେ ନାଚନ୍ତି ; କିନ୍ତୁ ସେମାନଙ୍କର ମା' ମାନେ ସେପରି ନାଚନ୍ତି ନାହିଁ । ପକ୍ୱ କେଶ ଓ ଶିଥିଳ ମୁଖମଣ୍ଡଳବିଶିଷ୍ଟ ଏହି ବୟସ୍କା ବୃଦ୍ଧା ସ୍ତ୍ରୀ-ମାନେ ଯେପରି ଉନ୍ମାଦନାର ସହିତ ନାଚନ୍ତି, ସେମାନଙ୍କ ସହିତ ନାଚୁଥିବା ଝିଅମାନେ ବର୍ଷାଦିନେ ଅସ୍ୱସ୍ତି ବୋଧ କରୁଥିବା ଅକ୍ଷମ ବ୍ୟକ୍ତି ପରି ଜଣା ପଡ଼ନ୍ତି । ସେମାନଙ୍କ ଚିତ୍ତବିନୋଦନର ପ୍ରଧାନ ବ୍ୟବସ୍ଥା ହେଉଛି ନୃତ୍ୟ ।

ବାଦ୍ୟର ନାଦ ସହିତ ତାଳ ମିଳାଇ ପଦ ସଂଚାଳନ କରିବାରେ ସବୁ ପ୍ରକାର ନୃତ୍ୟର ସୌନ୍ଦର୍ଯ୍ୟ ନିହିତ ରହିଛି । ସେମାନଙ୍କ ନୃତ୍ୟର

ପ୍ରଧାନ ବିଷୟ ହେଲା ତାଳ ମିଳାଇ ପଦ ସଂଚାଳନ କରିବା ବା ଗୋଡ଼ ହଲାଇବା । ଭାରତର ଅନ୍ୟାନ୍ୟ ଅନେକ ଆଦିବାସୀ ସଂପ୍ରଦାୟଙ୍କପରି ନାଚିବା ସମୟରେ ସେମାନେ ସ୍ୱତନ୍ତ୍ର ପ୍ରକାର ପୋଷାକ ପିନ୍ଧନ୍ତି ନାହିଁ ବା ଅଳଙ୍କାର ବ୍ୟବହାର କରନ୍ତି ନାହିଁ । ଏହି ଅଞ୍ଚଳରେ ନାଚିବା ସମୟରେ ମୁଖା ବ୍ୟବହାର କରାଯାଏ ନାହିଁ । ତେଣୁ ନୃତ୍ୟ ଆରମ୍ଭ କରିବା ଲାଗି ପୂର୍ବରୁ କୌଣସି ପ୍ରସ୍ତୁତି ଆବଶ୍ୟକ ହୁଏ ନାହିଁ । ବିଭିନ୍ନ ସଂପ୍ରଦାୟର ନୃତ୍ୟରେ ଯଥେଷ୍ଟ ତାରତମ୍ୟ ରହିଛି ; କିନ୍ତୁ ସମସ୍ତେ ନୃତ୍ୟ ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି । ସେମାନେ ତାଳରକ୍ଷି ସୁନ୍ଦର ଭାବେ ନାଚନ୍ତି । ନୃତ୍ୟ ସମୟରେ ସେମାନଙ୍କର ଅଂଗ ସଂଚାଳନ ଓ ପଦ ଚାଳନା ଅପୂର୍ବ ଦୃଶ୍ୟ ସୃଷ୍ଟି କରେ ।

ସଙ୍ଗୀତ ଓ ଗାନ ମଧ୍ୟ ନୃତ୍ୟ ଭଳି ଲୋକପ୍ରିୟ । ଗ୍ରାମର ସାମାଜିକ ଜୀବନ ସହିତ ସଙ୍ଗୀତ ଓତଃପ୍ରୋତଃ ଭାବେ ଜଡ଼ିତ ଓ ଜୀବନର ସବୁ ସ୍ତର ସହିତ ଏହା ସଂପୃକ୍ତ । ନାଚିବାପାଇଁ ହେଉ ବା କୌଣସି ଦୁଃଖଦାୟକ ଘଟଣା ଜଣାଇ ଦେବାକୁ ହେଉ ଅଥବା ବିପଦ ବା ଦୁର୍ବିପାକ ବିଷୟରେ ସୂଚନା ଦେବାକୁ ହେଉ, ସବୁ କ୍ଷେତ୍ରରେ ବାଦ୍ୟ ବଜାଯାଏ ଓ ଏହାଦ୍ୱାରା ଲୋକେ ଆକୃଷ୍ଟ ହୋଇ ଆସନ୍ତି ଏବଂ ସବୁ ଖବର ଜାଣନ୍ତି । ବିଶେଷତଃ ବିବାହ ଉତ୍ସବରେ ଆଦିବାସୀ ସ୍ତ୍ରୀମାନେ ଲଳିତ ସ୍ୱରରେ ଗୀତ ଗାଆନ୍ତି । 'ବିହା ଅଲଙ୍ଗ' (ବିବାହ ସଙ୍ଗୀତ) ବେଶ୍ ଚମତ୍କାର—

'କାହୁ ସେ ନକଲ ସୁଗ
ଦରିମୋନ ବୈଥାଲରେ
ଭୁଲୋରେ ଭୁଲୋ ସୁଗ
ହମାରେ ଦେଶରେ ।'

**କୃଷି**—ଏହି ଜିଲ୍ଲାର ପ୍ରଧାନ କୃଷିଜାତ ଦ୍ରବ୍ୟ ହେଲା ଧାନ, କୋଦ ଓ ଜଡ଼ା । ଶତକଡ଼ା ୧୦.୧ ଅଞ୍ଚଳରେ କେବଳ ଜଳସେଚନର ସୁବିଧା ... ଶତକଡ଼ା ୩୦ ଭାଗ ଜମିରେ କୃଷିକାର୍ଯ୍ୟ ... ଥାଏ ।

**ଶିଳ୍ପ**—ଏହି ଜିଲ୍ଲାରେ ପ୍ରଚୁର ପରିମାଣରେ ... ପଥର, ମାଙ୍ଗାନିଜ, ଚୂନ ପଥର ଓ ଅଗ୍ନି ... ମୃତ୍ତିକା (ଫାୟାର କ୍ଲେ) ରହିଥିବା ଜଣାଯାଏ । ... ସବୁ ଖଣିଜ ଦ୍ରବ୍ୟର ଉପଯୋଗ ନିମନ୍ତେ ... ବଡ଼ ଧରଣର କଳକାରଖାନା ସ୍ଥାପନ ... ଯାଇଛି । ସେ ଗୁଡ଼ିକ ହେଲା—

(କ) ଓଡ଼ିଶା ସିମେଣ୍ଟ ଲିମିଟେଡ୍, ... ପୁର । ଏହି କାରଖାନାରେ ୩୬୧,୦୦୦ ... ଟନ୍ ସିମେଣ୍ଟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ... ଉତ୍ପାଦନ କରାଯାଏ ।

(ଖ) ରାଉରକେଲା ଇସ୍ପାତ କାରଖାନା ... ଏହି କାରଖାନାରେ ୧.୮ ନିୟୁତ ମେଟ୍ରିକ୍ ... ଇସ୍ପାତ ଉତ୍ପାଦନ କରାଯାଏ । ଏହି କାରଖାନାର ... ବିଭିନ୍ନ ସଂସ୍ଥାଗୁଡ଼ିକ ହେଲା—କୋକ୍ ଓଭେନ୍ ... ବ୍ଲାଷ୍ଟ୍ ଫରନେସେସ୍, ଷ୍ଟିଲ ମେଲଟିଙ୍ଗ୍ ସପ୍, ... ମିଲସ୍, ପାଓ୍ୱାର ପ୍ଲାଣ୍ଟ, ପାଇପ୍ ପ୍ଲାଣ୍ଟ, ଫର୍ଟିଲାଇଜର ... ପ୍ଲାଣ୍ଟ, ଟାର ଡ଼ିଷ୍ଟିଲେସନ୍ ପ୍ଲାଣ୍ଟ, ... ଶଫାଇନିଙ୍ଗ୍, ଆମୋନିୟା ରିକଭରି, ... ଏସିଡ୍ ଓ ଡ଼ିଫିନୋଲାଇଜିଂ ପ୍ଲାଣ୍ଟ୍ ଇତ୍ୟାଦି । ... ଚଦ୍ଦର, ଷ୍ଟ୍ରିପ୍, ସିଟ୍, ପାଇପ୍ ଓ ... ଇତ୍ୟାଦି ଉତ୍ପାଦନପାଇଁ ଏହି କାରଖାନା ... କରାଯାଇଛି । ଏଠାରେ ଯେଉଁ ପ୍ରକାରର ... ଅଛି, ତାହା ସାରା ଭାରତରେ ନୂଆ ... ରାଉରକେଲା ଆମ ରାଜ୍ୟର ଏକ ବିରାଟ ... ପରିଣତ ହେବାକୁ ଯାଉଛି ।

(ଗ) ଉତ୍କଳ ମେସିନେରୀ, କାନ୍‌ସବାହାଲ ... ଭାରତ ଓ ଜର୍ମାନୀ ସହଯୋଗିତାରେ ପ୍ରତିଷ୍ଠିତ ...

ପ୍ରସଙ୍ଗ, ...

...କାରଖାନା । ଏଠାରେ ଖଣି ଯନ୍ତ୍ରପାତି ତିଆରି ...ହୁଏ।

(ଝ) ରିଫ୍ରାକ୍‌ଟରି କାରଖାନା, ଲଠିକଟା :— ...ଠାରେ ଏହି କାରଖାନା ବିଶେଷତଃ ଇସ୍ପାତ୍ ...କାରଖାନାରେ ବ୍ୟବହୃତ ହେବା ପାଇଁ ରିଫ୍ରାକ୍‌ଟରି ...ଇଟା ପ୍ରସ୍ତୁତ କରାଯାଏ ।

ଖଣି—ଏହି ଜିଲ୍ଲାରେ ୨୧ଟି ମାଙ୍ଗାନିଜ ଖଣି, ...ଚୂନ ପଥର ଓ ଡୋଲମାଇଟ୍ ଖଣି; ୩ଟି ଲୁହାଖଣି ...ଗୋଟିଏ କେଓଲିନ୍ ଖଣି ରହିଛି । ଏହି ଖଣି- ...ଗୁଡ଼ିକରେ କାର୍ଯ୍ୟ କରାଯାଉଥିବାରୁ ନୂଆ ସହର ...ଗଢ଼ିଉଠିଛି ଓ ଯୋଗାଯୋଗର ସୁବିଧା ତଥା ...ସ୍ୱାସ୍ଥ୍ୟର ସୁବିଧା କରାଯାଇଛି । ଏହିଭଳି ସହର ...ହେଲା ବିରମିତ୍ରପୁର, ଟେନ୍‌ସା, ହାଥୀବାଡ଼ି ଇତ୍ୟାଦି ।

ମନ୍ଦିରା ବନ୍ଧ—ରାଉରକେଲାର ୨୦ ମାଇଲ ...ପୂର୍ବକୁ ଓ ଶଂଖ ଓ କୋଏଲ୍ ନଦୀ ସଂଗମ ...ଠାରୁ ୧୦ ମାଇଲ ଉପରକୁ ଶଂଖ ନଦୀ ଉପରେ ...ଏହି ବନ୍ଧ ଅବସ୍ଥିତ । ଶଂଖ ନଦୀର ଦୁଇ ପାର୍ଶ୍ୱରେ ...ପର୍ବତମାଳା ଦ୍ୱୟ ଏହି ବନ୍ଧ ଦ୍ୱାରା ସଂଯୁକ୍ତ ...ହୋଇ ପାରିଛନ୍ତି । ଏହି ବନ୍ଧଟିର ଉଚ୍ଚତା ୧୦୫ ...ଓ ଦୈର୍ଘ୍ୟ ୧,୩୭୫ ଫୁଟ । ଏହି ଜଳଭଣ୍ଡାରରେ ...୬,୦୦୦ ଏକର ଫୁଟ ଆୟତନରେ ଜଳ ରଖା ...ଯାଇ ପାରିବ । ଏହି ଜିଲ୍ଲାରେ ଏହା ଏକ ସୌନ୍ଦର୍ଯ୍ୟ ... । ଏହି ବନ୍ଧର ଦକ୍ଷିଣ ପାର୍ଶ୍ୱରେ ଥିବା ପାହାଡ଼ ...ରି ରାଉରକେଲା ଇସ୍ପାତ କାରଖାନାର ଅତିଥି ...ଅବସ୍ଥିତ । ଏହା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ ... ସଙ୍ଗେ ସଙ୍ଗେ ବଣଭୋଜି ପାଇଁ ଇଚ୍ଛୁକ ...ମାନଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ ।

ଦର୍ଶନୀୟ ସ୍ଥାନ—(କ) ପାନପୋଷଠାରେ ଥିବା ବେଦବ୍ୟାସ ମନ୍ଦିର ଶଂଖ, କୋଏଲ୍ ଓ ବ୍ରାହ୍ମଣୀ ନଦୀର ସଂଗମ ସ୍ଥଳରେ ଅବସ୍ଥିତ ମହାଭାରତ ରଚୟିତା ମହର୍ଷି ବ୍ୟାସଙ୍କର ଜନ୍ମସ୍ଥାନରୂପେ ଏହି ସ୍ଥାନ ପ୍ରସିଦ୍ଧି ଲାଭ କରିଛି । ଫେବୃଆରୀ, ମାର୍ଚ୍ଚ ମାସରେ ଶିବରାତ୍ରି ଉପଲକ୍ଷେ ଏଠାରେ ଏକ ମେଳା ଅନୁଷ୍ଠିତ ହୁଏ । ସେହି ମେଳା ଏକ ସପ୍ତାହ ପର୍ଯ୍ୟନ୍ତ ରହେ ।

(ଖ) ଖଣ୍ଡାଧାର ଜଳପ୍ରପାତ—ରାଉରକେଲା-ଠାରୁ ସଡ଼କ ପଥରେ ୭୦ ମାଇଲ ଦୂରରେ ଏହା ଅବସ୍ଥିତ । ୧,୫୦୦ ଫୁଟ ଉଚ୍ଚରୁ ପାଣି ପଡ଼ି ଏହି ପ୍ରପାତ ସୃଷ୍ଟି ହୋଇଛି । ବଣଭୋଜି ଓ ଅବସର ବିନୋଦନ ନିମନ୍ତେ ଏହା ଏହି ଜିଲ୍ଲାର ଅନ୍ୟତମ ମନୋରମ ସ୍ଥାନ । ଏହି ପ୍ରପାତ ପରିଦର୍ଶନ କରିବାର ପ୍ରକୃଷ୍ଟ ସମୟ ହେଲା ଅକ୍ଟୋବର ଠାରୁ ମାର୍ଚ୍ଚ ପର୍ଯ୍ୟ

(ଗ) ବରସୁଆଁ ଉପତ୍ୟକା—ବଣାଇ ଲୁହା ଖଣି ରେଞ୍ଜ୍‌ରେ ଥିବା ଲୁହା ଖଣିରେ ସ୍ୱୟଂ-ଚାଳିତ ଉପାୟରେ କାର୍ଯ୍ୟ କରାଯିବା ପାଇଁ ରାଉରକେଲା ଇସ୍ପାତ କାରଖାନା କେତେକ ବ୍ୟବସ୍ଥା କରିଛନ୍ତି । ଏହି ଉପତ୍ୟକାର ସ୍ଥାୟୀ ସହର ହେଲା ଟେନ୍‌ସା । ଏହା ଖଣି ଅଞ୍ଚଳଠାରୁ ୯ ମାଇଲ ଦୂରରେ ୨,୭୩୦ ଫୁଟ ଉଚ୍ଚରେ ଅବସ୍ଥିତ । ଗ୍ରୀଷ୍ମ ଦିନରେ ଏଠାରେ ଅପେକ୍ଷାକୃତ କମ୍ ଗରମ ହୁଏ । ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଠାରେ ଗୋଟିଏ ଆଧୁନିକ ଅତିଥି ନିବାସ ନିର୍ମିତ ହୋଇଛି ।

(ଘ) କ୍ଷୀରେଶ୍ୱର ମନ୍ଦିର—ବଣାଇଗଡ଼ଠାରୁ ୨୫ ମାଇଲ ଦୂରରେ ଏହି ଭଗ୍ନ ମନ୍ଦିରଟି ଅବସ୍ଥିତ । ଏହି ମନ୍ଦିର ନିକଟରେ ଭଗ୍-

ପ୍ରବହମାନା ଝରଣାଟିଏ ରହିଛି । ପ୍ରକୃତର ଉପାସକମାନଙ୍କ ନିମନ୍ତେ ଏହି ସ୍ଥାନର ଦୃଶ୍ୟ ଅତୀବ ମନୋରମ ।

(ଡ) ଦାର୍ଜିନ୍ ଉପତ୍ୟକା—ରାଉରକେଲାର ଦକ୍ଷିଣରେ ବଣାଇଗଡ଼ ଆଡକୁ ଅବସ୍ଥିତ ବ୍ରାହ୍ମଣୀ ନଦୀର ଏହି ଉପତ୍ୟକାଟି ବଣଭୋଜି ନିମନ୍ତେ ଅନ୍ୟ ଏକ ରମଣୀୟ ସ୍ଥାନ । ପର୍ଯ୍ୟଟକମାନଙ୍କର ସୁବିଧା ଦୃଷ୍ଟିରୁ ସେଠାରେ ପୂର୍ତ୍ତବିଭାଗ ତରଫରୁ ଗୋଟିଏ ଇନ୍ସପେକ୍ସନ୍ ବଙ୍ଗଳା ନିର୍ମାଣ କରା-ଯାଇଛି । ଏହି ନଦୀରେ ମାଛ ଧରିବାର ସୁବିଧା ରହିଛି ଓ ସେଠାରେ ବେଳେ-ବେଳେ କୁମ୍ଭୀର ଦେଖିବାକୁ ମିଳେ ।

ଶିଳ୍ପ ପ୍ରସାର ଯୋଗୁଁ ବହୁସଂଖ୍ୟକ ଆଦିବାସୀ ନିଜ ପୂର୍ବପୁରୁଷଙ୍କ ଭିଟାମାଟିରୁ ସ୍ଥାନଚ୍ୟୁତ ହୋଇ-ଥିଲେ ଓ ସେମାନଙ୍କର ପାରମ୍ପରିକ କୃଷିକାର୍ଯ୍ୟ ବ୍ୟାହତ ହୋଇଥିଲା । ସେମାନେ କ୍ରମଶଃ କଳ-କାରଖାନା ପ୍ରତି ଆକୃଷ୍ଟ ହେଲେ । କିନ୍ତୁ କଳ-କାରଖାନାରେ ସେମାନଙ୍କର ଯେଉଁ ପ୍ରଥମ—ଅନୁଭୂତି ହେଲା, ତାହା ସେମାନଙ୍କୁ ଅଭିଭୂତ କରି ପକାଇଲା । ଏହି ବାସଚ୍ୟୁତ ବ୍ୟକ୍ତିମାନଙ୍କୁ ବହୁତ ଟଙ୍କା ଏକକାଳୀନ ଦିଆଯାଇଥିଲା ଯାହାକି ସେମାନେ ପୂର୍ବରୁ କେବେ ଦେଖି ନଥିଲେ । ସେମାନଙ୍କ ଅଜ୍ଞତାର ସୁଯୋଗ ନେଇ ବାହାରୁ ଆସିଥିବା ଲୋକମାନେ ସେମାନଙ୍କୁ ଗୋଷ୍ଠୀବାଟିଆ ବ୍ୟବସାୟରେ ସଂପୃକ୍ତ କଲେ ଓ ବ୍ୟବସାୟ ଯେପରି ଚାଲି ନ ପାରିବ ଓ ସେମାନଙ୍କ (ଆଦିବାସୀମାନଙ୍କ) ନିକଟରୁ ଟଙ୍କାତକ ଖସିଯିବ, ତନ୍ତ୍ରିର ବ୍ୟବସ୍ଥା କଲେ । ଆଧୁନିକ ବିଳାସବ୍ୟସନ ଯଥା—ଘଣ୍ଟା, ସାଇକେଲ୍, ରେଡ଼ିଓ, ସୁଦୃଶ୍ୟ ପୋଷାକପରିଚ୍ଛଦ, ଅଳ... ଓ ବୋତଲ୍-ମଦ୍ୟ ଇତ୍ୟାଦି ମଧ୍ୟ ସେମାନ... ଆଦୃତ ହେଲା ।

ସଂପ୍ରଦାୟ ବା ଗୋଷ୍ଠୀକୁ କେନ୍ଦ୍ର କ... ଆଦିମ ଅର୍ଥନୀତି ଗଢ଼ି ଉଠିଥିଲା ତାହା ... ଓ ତାହାର ସ୍ଥାନ ପୂରଣ କଲା ବ୍ୟକ୍ତିଗତ ... ପରିବାରର ବୟସ୍କ ବ୍ୟକ୍ତି ତଥା ଗୋଷ୍ଠୀ... ଲୋକମାନଙ୍କ ପ୍ରତି ଯେଉଁ ସମ୍ମାନ ରହିଥି... ଉଠିଗଲା ଗଲା । ତେଣୁ ପରିବାରର ... ଓ ମୁଖ୍ୟବ୍ୟକ୍ତି ଯେଉଁସବୁ ସାମାଜିକ ... ଜାରି କରୁଥିଲେ, ତାହାର କୌଣସି ମୂଲ୍ୟ ... ନାହିଁ ଓ କେତେକ ଘଟଣାରେ ସାମାଜିକ ... ଭାଙ୍ଗି ପଡ଼ିଲା ।

ଗୋଟିଏ ଜିନିଷ ବଦଳ ଦେଇ ଅନ୍ୟ ... ଜିନିଷ ନେବାର ଯେଉଁ ପଦ୍ଧତି ସେମାନଙ୍କ ... ପ୍ରଚଳିତ ଥିଲା ତାହା ସଂପୂର୍ଣ୍ଣରୂପେ ଉଭେଇ ଗ... ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଯେଉଁ ପ୍ରକାର ... ଥିଲା, ତାହା ବର୍ତ୍ତମାନ ନାହିଁ । ଓରାଁଓ ... ଯୁବ ବିଶ୍ରାମାଗାର ଯେଉଁ ପ୍ରକାର ଅର୍ଥନୈତି... ତୁଲାଉଥିଲା, ସେସବୁ ସଂପୂର୍ଣ୍ଣରୂପେ ଉଭେଇ ଯି...

ଏହି ଅଂଚଳ ତଥା ଭାରତର ଅନ୍ୟାନ୍ୟ ଅଂ... ଥିବା ଆଦିବାସୀମାନେ ବର୍ତ୍ତମାନ ପ୍ରଗତିଶୀଳ ... ସହିତ ସମନ୍ୱୟ ସ୍ଥାପନ କରିବା ନିମନ୍ତେ ... ଆସିଛନ୍ତି । ଏହି ଅବସ୍ଥାରେ ସେମାନଙ୍କୁ ... ମାର୍ଗରେ ପରିଚାଳିତ କରିବା ତଥା ସାହାଯ୍ୟ ... ପାଇଁ ଅନ୍ୟମାନେ, ବିଶେଷତଃ ଦେଶର ... କାରୀମାନେ, ବିଶେଷ କିଛି କରିବେ ବୋଲି ... ଆଶା କରନ୍ତି ।

ଶ୍ରୀ ଦୀନବନ୍ଧୁ ପାଢ଼ୀ

# ସହର ଉନ୍ନୟନ ପାଇଁ ଯୋଜନା

"ଯେଉଁ ସମାଜରେ ମନୁଷ୍ୟ ନିରାପତ୍ତା ଓ ଆତ୍ମ-ପ୍ରାଧାନ୍ୟ ଲାଭ କରିପାରିବ ସେହିଭଳି ଗୋଟିଏ ସମାଜର ଅଧିବାସୀ ହେବାରେ ତାଙ୍କ ମନରେ ଯେପରି ସନ୍ତୋଷ ଜନ୍ମାଏ ଉଚିତ, ଆମ ସହରାଞ୍ଚଳମାନଙ୍କରେ ତାହାହିଁ ହେଉଛି ଆଜିର ଅସଲ ସମସ୍ୟା"—ଏକଥା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍‌ସନ୍ କହିଥିଲେ । ଆମେରିକା ସଂପର୍କରେ ଯାହା କୁହାଯାଇଛି ଭାରତ ସଂପର୍କରେ ମଧ୍ୟ ଠିକ୍ ସେହିକଥା କୁହାଯାଇପାରେ ।

ଅନେକ ସହରରେ ନାଗରିକମାନେ ସଂକୀର୍ଣ୍ଣ ଗଳି ରାସ୍ତା, ବିଦ୍ୟାଳୟ ପାଇଁ ଅପ୍ରଶସ୍ତ ଜାଗା ଓ ଜନ-ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୁବିଧା ସୁଯୋଗର ଅଭାବ ଇତ୍ୟାଦି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଆହୁରି ମଧ୍ୟ ଅନେକ ସହରରେ ଜଳ ଯୋଗାଣର କୌଣସି ବ୍ୟବସ୍ଥା ନାହିଁ କହିଲେ ଚଳେ ଓ ଅନେକ ସହରରେ ଜଳ ଯୋଗାଣର ଯେଉଁ ବ୍ୟବସ୍ଥା ରହିଛି ତାହା ପର୍ଯ୍ୟାପ୍ତ ନୁହେଁ । ଅନିୟନ୍ତ୍ରିତ ବିକାଶ ଯୋଗୁଁ ସହରର ରୂପ ଯେଉଁ ବିକୃତ ହୋଇଥାଏ ସେଥିରେ ମଧ୍ୟ ଆମ ଦେଶର ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଥାନ୍ତି । ସନ୍ତିରଆ ଓ ଅଭ୍ୟୁଦୟର ବିକାଶ ପାଇଁ ସୁଯୋଗ ହେବା ଦ୍ୱାରା ଆମେ ଗୋଟିଏ ଉତ୍ତମ ସମାଜର ପ୍ରକୃତ ସାରବସ୍ତୁ ହରାଇ ଥାଉଁ ।

ମନୁଷ୍ୟକୃତ କଦର୍ଯ୍ୟ ଅବସ୍ଥାର ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଭବିଷ୍ୟତ ପ୍ରତି ଦୃଷ୍ଟି ରଖି ଆମକୁ ବାସ୍ତବ ଯୋଜନା ପ୍ରସ୍ତୁତ କରିବାକୁ ହେବ ଯାହାକି ଅଧିକ ମନୋରମ ନଗର ନିର୍ମାଣ କରିବାରେ ମନୁଷ୍ୟର ପ୍ରଚେଷ୍ଟାକୁ ଠିକ୍ ବାଟରେ ପରିଚାଳିତ କରିବ । ଅତୀତ ତଥା ବର୍ତ୍ତମାନର ଭ୍ରମ ସଂଶୋଧନ କରିବା ଓ ଭବିଷ୍ୟତର ଭୁଲକୁ ଯଥାସାଧ୍ୟ କମ୍ କରିବା ସକାଶେ ଯୋଜନା ହିଁ ପନ୍ଥା ନିର୍ଣ୍ଣୟ କରିଥାଏ । ମାନବ ସଭ୍ୟତା ତଥା ଆମ ସମାଜର କଲ୍ୟାଣ ଦୃଷ୍ଟିରୁ ଆମକୁ କେତେକ ଭଲକାର୍ଯ୍ୟ କରିବାକୁ ହେବ ।

"ସହର ଉନ୍ନୟନ ଯୋଜନା ଗୋଟିଏ ଅନଢ଼ୁତ ଦଲିଲ ନୁହେଁ; ସହରର ଉତ୍ତମ ଅଭିବୃଦ୍ଧିକୁ ରୂପାୟିତ କରିବାପାଇଁ ଏହା ଏକ ଆୟୁଧ" ବୋଲି ରାଷ୍ଟ୍ରପତି ଜନ୍‌ସନ୍ କହିଥିଲେ । ଗୋଟିଏ ଉତ୍ତମ ଯୋଜନାକୁ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରାଗଲେ ଉତ୍ତମ ତଥା ସୁଶୃଙ୍ଖଳ ଅଭିବୃଦ୍ଧି ସମ୍ଭବପର ହୋଇଥାଏ । ବ୍ୟକ୍ତିବିଶେଷ ବା କୌଣସି ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀର ହାତ

ଦୃଷ୍ଟିରୁ ଯୋଜନା କରା ନ ଯାଇ ସମଗ୍ର ସମାଜର ହିତ ଦୃଷ୍ଟିରୁ ତାହା କରାଯିବା ଦରକାର । ଜନସାଧାରଣଙ୍କ ପାଇଁ ଯେଉଁ ଯୋଜନା କରାଯିବ, ତାହା ସେମାନଙ୍କ (ଜନସାଧାରଣଙ୍କ) କାର୍ଯ୍ୟରେ ଲଗାଯିବା ଉଚିତ । ଭବିଷ୍ୟତର ଉନ୍ନତ ପଥରେ ସମାଜକୁ ପରିଚାଳିତ କରିବାକୁ ହେଲେ ଜନସାଧାରଣଙ୍କ ସହିତ ପରାମର୍ଶ କରି ଏଥିପାଇଁ ଗୋଟିଏ ପ୍ରଧାନ ଯୋଜନା (ମାଷ୍ଟର ପ୍ଲାନ୍) ପ୍ରସ୍ତୁତ କରିବାକୁ ହେବ ।

'ପ୍ରଧାନ ଯୋଜନା' ଏହି ଶବ୍ଦ ଦ୍ୱୟର କୌଣସି ସାଧାରଣ ବ୍ୟାଖ୍ୟା କରାଯାଇ ନ ଥିବାରୁ ବିଭିନ୍ନ ଶ୍ରେଣୀର ଲୋକ 'ପ୍ରଧାନ ଯୋଜନା'କୁ ବିଭିନ୍ନ ଭାବରେ ଅର୍ଥ କରିଛନ୍ତି ଓ ଅନେକ ପାଞ୍ଚବର୍ଷିଆ ଯୋଜନାକୁ ମଧ୍ୟ ପ୍ରଧାନ ଯୋଜନା କୁହାଯାଉଛି ।

କେତେକଙ୍କ ମତରେ ପ୍ରଧାନ ଯୋଜନା ହେଉଛି ଭବିଷ୍ୟତ ଉନ୍ନୟନ ସଂପର୍କରେ ଏକ ସରଳ ନକ୍ସା ଯେଉଁଥିରେ କ ସାଧାରଣ ଭାବେ ଉନ୍ନୟନ ସଂପର୍କରେ ସୂଚନା ଦିଆଯାଇ ଥାଏ । ଭବିଷ୍ୟତରେ ସବିଶେଷ ନିଷ୍ପତ୍ତି ନେବାପାଇଁ ଏହି ଯୋଜନାକୁ ପଥ ପ୍ରଦର୍ଶକ ରୂପେ ବ୍ୟବହାର କରାଯାଏ । ସେମାନେ ଖଣ୍ଡିତ ଭାବରେ ଯୋଜନା କରିବାର ପକ୍ଷପାତି ନୁହନ୍ତି ।

ଆଉ କେତେକଙ୍କ ମତରେ ବହୁସଂଖ୍ୟକ ରାସ୍ତାଘାଟ ଓ ପ୍ରମୋଦ ଉଦ୍ୟାନ (ପାର୍କ) ଇତ୍ୟାଦିର ସୁବିନ୍ୟସ୍ତ ଓ ସବିଶେଷ ପ୍ରସ୍ତାବମାନ ପ୍ରଧାନ ଯୋଜନାରେ ସ୍ଥାନ ପାଇଥାଏ । ସେମାନଙ୍କ ମତରେ ତଥାକଥିତ ପ୍ରଧାନ ଯୋଜନା ଏକ ଚିତ୍ରିତ ମାନଚିତ୍ର ଓ କୌଣସି ସ୍ଥାନକୁ ଭବିଷ୍ୟତରେ କପରି ବ୍ୟବହାର କରାଯିବ ତାହା ସେଥିରେ ଦର୍ଶା ଯାଇଥାଏ । ପ୍ରସ୍ତାବିତ ରାସ୍ତା ଘନ-ରେଖା ଓ ପ୍ରମୋଦ ଉଦ୍ୟାନ ନାଲ ବେଲ୍ଟ ଜୋନ୍ ଦ୍ୱାରା ଏବଂ ସାଧାରଣ ଅନୁଷ୍ଠାନ ଓ କାର୍ଯ୍ୟାଳୟର ଅବସ୍ଥିତି ଓ ଅନ୍ୟାନ୍ୟ ସଂକେତଦ୍ୱାରା ସୂଚିତ ହୋଇଥାଏ ।

ଅନ୍ୟ କେତେକଙ୍କ ଦୃଷ୍ଟିରେ 'ପ୍ରଧାନ ଯୋଜ... ଏକ ବୈଷୟିକ ଶବ୍ଦ । ସେମାନଙ୍କ ମତ... ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍ସି... ମାନଙ୍କୁ ଏହି ପ୍ରକାର ବୈଷୟିକ ସୁବିଧା ଯୋଗ... ଦିଆଯାଇଥାଏ ।

କିନ୍ତୁ ସାଧାରଣ ଭାବରେ କହିବାକୁ ଗଲେ ଯା... ଭିତ୍ତିରେ ଯେଉଁ ନକ୍ସା ପ୍ରସ୍ତୁତ କରାଯାଏ ତାହା ହେଉଛି ପ୍ରଧାନ ଯୋଜନା । ଅର୍ଥନୀତି ଓ ସମାଜ ... ସହିତ ଏହା ସଦାସର୍ବଦା ସଂପୃକ୍ତ । ପ୍ରାକୃତିକ ଅବ... ଉପରେ ପ୍ରଧାନତଃ ଗୁରୁତ୍ୱ ଦିଆଗଲେ ମଧ୍ୟ ... ଉତ୍ତମ ପ୍ରଧାନ ଯୋଜନା ଜନସାଧାରଣଙ୍କ ସାମ... ତଥା ଅର୍ଥନୈତିକ ଅବସ୍ଥାର ଗୁରୁତ୍ୱକୁ ଉପେକ୍ଷା କ... ନ ଥାଏ । ଆନୁଷଙ୍ଗିକ ବିଷୟବସ୍ତୁ, ପରିସଂଖ୍ୟାନ... ମାନଚିତ୍ର ଓ ପ୍ରସ୍ତାବଗୁଡ଼ିକୁ ଏକତ୍ର ଏକ ବା ଏକାଧି... ରିପୋର୍ଟ ଆକାରରେ ପ୍ରକାଶ କରାଗଲେ ତାହା... ପ୍ରଧାନ ଯୋଜନା କୁହାଯାଇ ପାରେ ।

ମୋଟାମୋଟି ଭାବରେ ପ୍ରଧାନ ଯୋଜନାରେ ନିମ୍ନୋକ୍ତ ବିଷୟଗୁଡ଼ିକ ସ୍ଥାନ ପାଇଥାଏ :—

**(୧) ପରିଚୟ ଓ ଇତିହାସ**—କୌଣ... ଗୋଟିଏ ସ୍ଥାନକୁ ନୂତନ ରୂପରେଖ ଦେବାକୁ... ସେହି ସ୍ଥାନର ଇତିହାସ ଏକ ଅପରିହାର୍ଯ୍ୟ ଅ... ରୂପେ ବିବେଚିତ ହୁଏ ;

**(୨) ପ୍ରାକୃତିକ ଅବସ୍ଥା** —ସ୍ଥାନର ଭୌଗୋ... ମୃତ୍ତିକା ଅବସ୍ଥା, ଜଳ, ବୃଷ୍ଟିପାତ ଓ ବାୟୁପ୍ରବାହ... ଦିଗସମେତ ପ୍ରାକୃତିକ ପରିବେଷ୍ଟନୀର ବର୍ଣ୍ଣ... ସେହି ସ୍ଥାନର ନକ୍ସା ପ୍ରସ୍ତୁତ କରିବା ପାଇଁ ... ଆବଶ୍ୟକ ହୁଏ ;

**(୩) ଜନସଂଖ୍ୟା**—ଜନସାଧାରଣଙ୍କ ବୈଶି... ଓ ଜନସଂଖ୍ୟାର ଭାବୀ ଅଭିବୃଦ୍ଧି ସମ୍ପର୍କ... ସୂଚନା ;

(୪) **ଅର୍ଥନୈତିକ କାରଣ**—ସମାଜର ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ଅନୁଧ୍ୟାନ ଓ ଅର୍ଥନୈତିକ ଅବସ୍ଥାର ଭାବୀ ଅଭିବୃଦ୍ଧି ;

(୫) **ଭୂମି ଉପଯୋଗ**—ମ୍ୟୁନିସିପାଲିଟି ବା ବିଜ୍ଞପିତ ଅଞ୍ଚଳ ପରିଷଦର ସୀମା ଭିତରେ ଅବସ୍ଥିତ ଥିବା ଜମିର କିପରି ଉପଯୋଗ କରାଯାଉଛି, ସେ ସମ୍ପର୍କରେ ସର୍ଭେ କରିବା ଓ ତାହାର ଅବସ୍ଥିତିକୁ ମାନଚିତ୍ରରେ ଦର୍ଶାଇବା ଓ ଭବିଷ୍ୟତର ଜନସଂଖ୍ୟା ଓ ଅର୍ଥନୈତିକ ପରିସ୍ଥିତି ଦୃଷ୍ଟିରୁ ଭୂମି ବ୍ୟବହାରର ଆବଶ୍ୟକତା ସମ୍ପର୍କରେ ଅଧ୍ୟୟନ ;

(୬) **ପରିବହନ ବ୍ୟବସ୍ଥା**—ସୁପାରିଶ ସମେତ ପରିବହନ ବ୍ୟବସ୍ଥାର ବିଶ୍ଳେଷଣ ;

(୭) **ଗୋଷ୍ଠୀଗତ ସୁବିଧା ସୁଯୋଗ ଓ ସେବାକାର୍ଯ୍ୟ**—ସର୍ଭେ ଓ ଆବଶ୍ୟକତାକୁ ଭିତ୍ତି କରି ସାମାଜିକ ସୁବିଧା ସୁଯୋଗ ଯଥା ବିଦ୍ୟାଳୟ, ଜଳଯୋଗାଣ, ଥାନା ଓ ଡାକ୍ତରଖାନା, ଇତ୍ୟାଦି ସମ୍ପର୍କରେ ବିବରଣୀ ଓ ସେ ସମ୍ବନ୍ଧରେ ବ୍ୟବସ୍ଥା ।

(୮) **ପାରିପାର୍ଶ୍ୱିକ ଅବସ୍ଥା**—ପାରିପାର୍ଶ୍ୱିକ ଅବସ୍ଥା ବିଶେଷତଃ ବାସଗୃହ, ଦୋକାନ ବଜାର ଓ କଳକାରଖାନା, ଇତ୍ୟାଦିର ବିକାଶ ।

ଏହିସବୁ ଦୃଷ୍ଟିରୁ ପ୍ରଧାନ ଯୋଜନା ହେଉଛି ସଂଗୃହୀତ ତଥ୍ୟାବଳୀ ଓ ସୁପାରିଶଗୁଡ଼ିକର ବିବରଣୀ ତଥା ମାନଚିତ୍ରର ଏକତ୍ର ସମାବେଶ । ଯୋଜନାର ଲକ୍ଷ୍ୟ ପୂରଣ କରିବା ଉଦ୍ଦେଶ୍ୟରେ ପ୍ରଧାନ ଯୋଜନାରେ ଜୋନ୍ ବା ଅଞ୍ଚଳ ସୃଷ୍ଟି ସମେତ ଅନ୍ୟାନ୍ୟ ନିୟମାବଳୀକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ ।

ଜମିର ବ୍ୟବହାର ସମ୍ପର୍କରେ ଯେଉଁ ମାନଚିତ୍ର ପ୍ରସ୍ତୁତ କରାଯାଇଥାଏ ସେଥିରେ ପ୍ରଧାନ ରାସ୍ତା, ବିଦ୍ୟାଳୟ ଓ ପ୍ରମୋଦ ଉଦ୍ୟାନ, ଇତ୍ୟାଦି ପାଇଁ କେଉଁ ସ୍ଥାନ ସଂରକ୍ଷଣ କରାଯିବ ଓ କେଉଁ ସ୍ଥାନର ବିକାଶ ଘଟାଯିବ ସେ ସମ୍ପର୍କୀୟ ସମସ୍ତ ପ୍ରସ୍ତାବ ଉକ୍ତ ମାନଚିତ୍ରରେ ମୋଟା ମୋଟି ଭାବେ ଦର୍ଶାଯାଏ । ଜମିର ବ୍ୟବହାର ପାଇଁ ଯେଉଁ ଯୋଜନା ରହିଛି ତଦନୁଯାୟୀ ଜମିର ବିକାଶ ଘଟାଇବା ଲାଗି ଓ ତାହାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରଧାନ ଯୋଜନାରେ ଜୋନ୍ ଗଠନ ସମ୍ପର୍କୀୟ ନିୟମାବଳୀ ରଖାଯାଇଥାଏ ।

ଯୋଜନା ପ୍ରସ୍ତୁତ କାର୍ଯ୍ୟରେ ପାରଦର୍ଶିତା ହାସଲ କରିଥିବା ଉପଯୁକ୍ତ ବ୍ୟକ୍ତିଙ୍କ ସହାୟତାରେ ପ୍ରଧାନ ଯୋଜନା ପ୍ରସ୍ତୁତ କରିବା ସବୁଠାରୁ ଉତ୍ତମ ପନ୍ଥା ; କିନ୍ତୁ ତାହା ବ୍ୟୟ ସାପେକ୍ଷ । ଏହିଭଳି ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବାକୁ ହେଲେ ବଜେଟ୍‌ରେ ପର୍ଯ୍ୟାପ୍ତ ରାଶିର ବ୍ୟବସ୍ଥା କରାଯିବା ଦରକାର । ଧାରାବାହିକ ଭାବେ ଯୋଜନା କରାଯାଉଥିବାରୁ କାରିଗରି କୌଶଳ, ଅର୍ଥନୈତିକ ପରିସ୍ଥିତି ଓ ସହରକୁ ମିଳୁଥିବା ସୁବିଧା ସୁଯୋଗର ପରିବର୍ତ୍ତନ ସମ୍ପର୍କରେ ବାରମ୍ବାର ବିସ୍ତୃତ ଆଲୋଚନା କରାଯିବା ଆବଶ୍ୟକ । ଆଧୁନିକ ଧରଣର ପ୍ରଧାନ ଯୋଜନା ପ୍ରସ୍ତୁତ କରିବା ଓ ତାହାର ରକ୍ଷଣାବେକ୍ଷଣ କରିବା ନିମନ୍ତେ ସ୍ଥାୟୀ ବୈଷୟିକ କର୍ମଚାରୀ ଯେପରି ସବୁ ସମୟରେ ମିଳି ପାରିବେ ତାହାର ବ୍ୟବସ୍ଥା କରାଯିବା ଦରକାର ।

ସହରକୁ ଅଧିକ ମନୋରମ ଓ ରୋଗମୁକ୍ତ କରାଗଲେ, ଯାନବାହାନ ଚଳାଚଳ ଜନିତ ଭିଡ଼ କମ କରାଗଲେ ଓ ଜଳଯୋଗାଣ ଏବଂ ରାସ୍ତାଘାଟର ରକ୍ଷଣାବେକ୍ଷଣ ଇତ୍ୟାଦିରେ ମ୍ୟୁନିସିପାଲିଟିର ବ୍ୟୟର ପରିମାଣ କମ୍ ହେଲେ ଏହି ଯୋଜନାରୁ ଉତ୍କୃଷ୍ଟ ଫଳ ମିଳିପାରିବ । ଏହା ନିଶ୍ଚିତ ଯେ ମ୍ୟୁନିସିପାଲିଟି ଏହି ଯୋଜନାକୁ କାର୍ଯ୍ୟକାରୀ କରିବ । ତେଣୁ ମ୍ୟୁନିସିପାଲିଟି ଯେପରି ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ

ହେବ ସେଥିପାଇଁ ମ୍ୟୁନିସିପାଲିଟି ବଜେଟ୍‌ରେ ବ୍ୟବସ୍ଥା କରାଯିବା ଓ ତାହାର ପ୍ରଶାସନିକ ବ୍ୟବସ୍ଥା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଦରକାର । ଯୋଜନାକୁ ଫଳପ୍ରଦ କରିବାପାଇଁ ମ୍ୟୁନିସିପାଲିଟିର ପ୍ରଶାସନିକ ବ୍ୟବସ୍ଥାକୁ ଏପରି ଭାବେ ସଂଗଠିତ କରିବାକୁ ହେବ, ଯାହା ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ନିୟନ୍ତ୍ରଣ ରହିପାରିବ ଓ ବେସରକାରୀ ସଂସ୍ଥା ଏବଂ ସରକାରୀ ସଂଗଠନର ସହଯୋଗ ମିଳିପାରିବ । ପ୍ରଧାନ ଯୋଜନାରେ ସୁପାରିଶ କରାଯାଇଥିବା ପରିକଳ୍ପନା-ଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଅର୍ଥ ଯୋଗାଡ଼ କରିବାକୁ ପଡ଼ିବ ।

ପ୍ରଧାନ ଯୋଜନା ପ୍ରସ୍ତୁତ କରିବା ସମୟ ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ଶ୍ରେଷ୍ଠ ସହର-ମାନଙ୍କପାଇଁ ପ୍ରଧାନ ଯୋଜନା ପ୍ରସ୍ତୁତ କରିବା ସକାଶେ ବର୍ଷକରୁ କମ୍ ଓ ୨ବର୍ଷରୁ ଅଧିକ ସମୟ ଲାଗି ନ ଥାଏ, କିନ୍ତୁ ଏହି ସମୟ ମଧ୍ୟରେ ସମାଜର ସମସ୍ୟା-ଗୁଡ଼ିକ ବଢ଼ି ଚାଲିଥାଏ । ବିକାଶ ଓ ଅଭିବୃଦ୍ଧି ବନ୍ଦ କରାଯାଇ ପାରିବ ନାହିଁ । ତେଣୁ ଭବିଷ୍ୟତରେ କି ପ୍ରକାର ପରିବର୍ତ୍ତନର ପ୍ରସ୍ତାବ ଆସିପାରେ ସେଥିପ୍ରତି ଦୃଷ୍ଟି ରଖି ନିଷ୍ପତ୍ତି ଗ୍ରହଣ କରିବାକୁ ହେବ ।

କେବଳ ଗୋଟିଏ ପ୍ରଧାନ ଯୋଜନା କରିଦେଲେ ଯେ ଅତୀତର ଭୁଲଗୁଡ଼ିକ ସଂଶୋଧିତ ହୋଇଯିବ ଓ ଭବିଷ୍ୟତରେ ନୂଆ ଭୁଲ ହେବ ନାହିଁ, ଏକଥା କୁହାଯାଇ ନ ପାରେ । ଯୋଜନାକୁ ଫଳପ୍ରଦ କରିବାକୁ ହେଲେ ସେହି ଉଦ୍ଦେଶ୍ୟରେ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେବ । ତେଣୁ ପ୍ରଧ[illegible] ଯୋଜନାକୁ କାର୍ଯ୍ୟକାରୀ କରିବା କଥା ସମ୍ବନ୍ଧରେ [illegible] ନିଷ୍ପତ୍ତି ନେବାକୁ ହେବ । ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ [illegible] ପୂର୍ବରୁ ପରିକଳ୍ପନା ସମିତି (ଗଭର୍ଣ୍ଣିଙ୍ଗ୍ ବଡ଼ି) [illegible] ସେମାନଙ୍କୁ ଦିଆଯାଇଥିବା ରିପୋର୍ଟକୁ ଅନୁ[illegible] କରିବେ । କମିଟି ମଧ୍ୟ ତାହାର ଯଥାର୍ଥତା [illegible] କରିବା ଉଚିତ । କାରଣ ପ୍ରଧାନ ଯୋଜନାର [illegible] ହାସଲ ଦୃଷ୍ଟିରୁ ଏହା କରାଯିବା ଆବଶ୍ୟକ ।

ଆହୁରି ମଧ୍ୟ ନିଜର ସହଯୋଗ ଦ୍ୱାରା ପ୍ରଧ[illegible] ଯୋଜନାକୁ କାର୍ଯ୍ୟକାରୀ କରିବାରେ ଜନସାଧାରଣ[illegible] ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯୋଜନାକୁ ସେ[illegible] କରିବାପାଇଁ ଓ ଜନସାଧାରଣଙ୍କୁ ସେମାନଙ୍କ ଭୂମି[illegible] ସଂପର୍କରେ ଅବଗତ ରଖିବା ପାଇଁ ଯୋଜନ[illegible] ପ୍ରଦର୍ଶନ ଓ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ଜନ[illegible] ସାଧାରଣଙ୍କୁ ତାହା ବୁଝାଇ ଦିଆଯିବା ଉଚିତ [illegible] ଆବଶ୍ୟକ ସ୍ଥଳେ ସଂଶୋଧନ ମଧ୍ୟ କରାଯିବ[illegible] ଦରକାର ।

ସହରର ବାହ୍ୟରୂପକୁ ସୌନ୍ଦର୍ଯ୍ୟମଣ୍ଡିତ କରିବା ପା[illegible] ପ୍ରଧାନ ଯୋଜନା ଉଦ୍ଦିଷ୍ଟ ନୁହେଁ । ଉତ୍ତମ ବାତାବର[illegible] ଭିତରେ ଓ ଉତ୍ତମ ସ୍ଥାନରେ କାର୍ଯ୍ୟ ସଂପାଦ[illegible] କ୍ରୀଡ଼ାକୌତୁକ ତଥା ଜୀବନଧାରଣ ପାଇଁ ମାନବ [illegible] ଯେଉଁ ଅଭିଳାଷ ପୋଷଣ କରି ଆସିଛି, ତାହା ଏ[illegible] ପ୍ରତିଫଳିତ ହୋଇଛି । ଏହି ଲକ୍ଷ୍ୟ ହାସଲ କରି[illegible] ହେଲେ ସହର ଉନ୍ନୟନ ଯୋଜନାକୁ ଉତ୍ତମରୂ[illegible] ବୁଝିବାକୁ ଓ ମହତ୍ ଉଦ୍ଦେଶ୍ୟ ନେଇ କାର୍ଯ୍ୟ[illegible] କରିବାକୁ ହେବ ।

## ଖବର ଝଲକ

## ପୁରୀଠାରେ ଜଗନ୍ନାଥ ମହାପ୍ରଭୁଙ୍କର ନବକଳେବର ଉତ୍ସବ ଉପଲକ୍ଷେ ବ୍ୟାପକ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା

ପୁରୀଠାରେ ନବକଳେବର ଉତ୍ସବ ଦେଖିବାକୁ ଆସୁଥିବା ତୀର୍ଥଯାତ୍ରୀ ଓ ଦର୍ଶକମାନଙ୍କର ସ୍ୱାସ୍ଥ୍ୟରକ୍ଷା କରିବାପାଇଁ ରାଜ୍ୟ ସରକାରଙ୍କର ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଜଗନ୍ନାଥ ମହାପ୍ରଭୁ, ବଡ଼ଠାକୁର ଓ ଦେବୀ ସୁଭଦ୍ରାଙ୍କର ନବକଳେବର ଧାରଣ ଉତ୍ସବ ସାଧାରଣତଃ ୨୦ ବର୍ଷରେ ଥରେ ପଡ଼େ ଏବଂ ଏବର୍ଷ ୧୯୬୯ ମସିହା ଜୁଲାଇ ମାସରେ ଏ ଉତ୍ସବ ଅନୁଷ୍ଠିତ ହେବ । ଧର୍ମପ୍ରାଣ ଲୋକଙ୍କ ପାଇଁ ଏହି ଉତ୍ସବ ଅତି ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବାରୁ ନବକଳେବର ଉପଲକ୍ଷେ ସାରା ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ବହୁଲୋକ ଏହି ଅବସରରେ ପୁରୀଠାରେ ସମବେତ ହେବେ ବୋଲି ଆଶା କରାଯାଉଛି । ଆସନ୍ତା ୩୧-୫-୧୯୬୯ ତାରିଖ ସ୍ନାନ ପୂର୍ଣ୍ଣିମା ଦିନ ପୁରାତନ ବିଗ୍ରହଙ୍କର ଶେଷ ଦର୍ଶନ, ତା ୧୫-୭-୧୯୬୯ ରିଖ ଦିନ ନବକଳେବର ଉତ୍ସବ ଉପଲକ୍ଷେ ନୂତନ ବିଗ୍ରହଙ୍କର ଦର୍ଶନ ଏବଂ ପରବର୍ତ୍ତୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ଉତ୍ସବ ଯଥାକ୍ରମେ ଜୁଲାଇ ୧୭ ଓ ଜୁଲାଇ ୨୫ ତାରିଖରେ ଜନସମାବେଶ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଏହି ସମୟରେ ହଇଜା ସମେତ ଅନ୍ୟାନ୍ୟ ପେଟ ରୋଗମାନ ସଂକ୍ରାମକ ଆକାର ଧାରଣ କରି ବ୍ୟାପିବାର ଆଶଙ୍କା ଥିବାରୁ ପୁରୀ ରେଳଷ୍ଟେସନ ଓ ପୁରୀ ସହ ସଂଯୁକ୍ତ ରାସ୍ତାକଡ଼ରେ ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୮୯୭ ମସିହା ସଂକ୍ରାମକ ରୋଗ ଅଇନର ବ୍ୟବସ୍ଥାନୁଯାୟୀ ରାଜ୍ୟ ସାରା ହଇଜା ପ୍ରତିଷେଧକ ଇଂଜେକ୍ସନ୍ ଓ ବସନ୍ତ ଟୀକା ନେବା ବାଧ୍ୟତାମୂଳକ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତିମାନଙ୍କୁ ବିନା ମୂଲ୍ୟରେ ଇଂଜେକ୍ସନ୍ ଓ ଟୀକା ଦେବାପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ମ୍ୟୁନସିପାଲିଟି ସ୍ୱାସ୍ଥ୍ୟ ଅଧିକାରୀ, ସିଭିଲ୍ ସର୍ଜନ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କର ମେଡ଼ିକାଲ୍ ଅଫିସର ଏବଂ ବ୍ଲକ୍ ସ୍ତରରେ ଥିବା ସ୍ୱାସ୍ଥ୍ୟ ପରିଦର୍ଶକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ଏହି ଉଦ୍ଦେଶ୍ୟରେ ବିଭିନ୍ନ ବସ୍‌ଷ୍ଟାଣ୍ଡ, ରେଲଷ୍ଟେସନ୍ ଓ ପୁରୀ ଆଡ଼କୁ ଯାଇଥିବା ରାସ୍ତା ନିକଟରେ ଆବଶ୍ୟକୀୟ କେନ୍ଦ୍ରମାନ ଖୋଲାଯିବ ।

ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଏକ ପ୍ରେସ ଇସ୍ତାହାରରେ ଏହି ଉତ୍ସବ ଉପଲକ୍ଷେ ହୋଇଥିବା ସ୍ୱତନ୍ତ୍ର ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି ଏବଂ ଏଥିପାଇଁ ତୀର୍ଥଯାତ୍ରୀମାନଙ୍କୁ ନିମ୍ନୋକ୍ତ ପ୍ରକାରେ ପରାମର୍ଶ ଦେଇଛନ୍ତି ।

(୧) ଏହି ଉତ୍ସବ ଉପଲକ୍ଷେ ପୁରୀକୁ ଯିବା ପୂର୍ବରୁ ହଇଜା ପ୍ରତିଷେଧକ ଇଂଜେକ୍ସନ୍ ଓ ବସନ୍ତ ଟୀକା ନେବା ଉଚିତ୍ ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କର ଦ୍ୱାରା ମାତ୍ର ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ । ନଚେତ୍ ଯାତ୍ରୀମାନଙ୍କୁ ଉତ୍ସବ ଅଞ୍ଚଳକୁ ପ୍ରବେଶ କରିବାପାଇଁ ଅନୁମତି ଦିଆଯିବ ନାହିଁ ।

(୨) ସିଝା ଓ ବିଶୋଧିତ ପାଣି ବ୍ୟବହାର କରିବା ଆବଶ୍ୟକ ।

(୩) ଧୂଳି ପଡ଼ିଥିବା, ମାଛି ବସିଥିବା ପୋଲ୍ଲପଡ଼ା ଖାଦ୍ୟ, ଫଳ ଓ ମିଷ୍ଟାନ୍ନ ଖାଇବା ଉଚିତ୍ ନୁହେଁ ।

(୪) ଯାତ୍ରୀମାନେ ନିଜେ ରହୁଥିବା ସ୍ଥାନମାନଙ୍କୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବେ ।

(୫) ସ୍ୱାସ୍ଥ୍ୟ ଓ ପରିମଳ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କର ଉପଦେଶଗୁଡ଼ିକ ପାଳନ କରିବେ ।

## ହାସପାତାଳରେ ରୋଗୀମାନଙ୍କ ପାଇଁ ନୂତନ ବ୍ୟବସ୍ଥା

ବିଭିନ୍ନ ହାସପାତାଳ ଓ ଚିକିତ୍ସାଳୟର ରୋଗୀ ପିଛା ଦୈନିକ ଏକ ଟଙ୍କା ହିସାବରେ ପଥ୍ୟ ଖର୍ଚ୍ଚ ତା ୧ । ୪ । ୧୯୬୮ଠାରୁ ଦିଆ ଯାଉଥିଲା । ଦରଦାମ ବୃଦ୍ଧି ହେତୁ ସମସ୍ତାନୁକ୍ରମେ ପ୍ରତ୍ୟେକ ରୋଗୀ ପାଇଁ ଦୈନିକ ପଥ୍ୟ ଖର୍ଚ୍ଚ ଏକ ଟଙ୍କାରେ ଚଳାଇବା ଯଥେଷ୍ଟ ନୁହେଁ ବୋଲି ଉପଲବ୍ଧି କରାଗଲା । ପ୍ରକୃତ ପକ୍ଷେ ରୋଗୀମାନେ ସେମାନଙ୍କର ପଥ୍ୟ ବାବଦରେ ରୁଚି ଓ ସାମର୍ଥ୍ୟ ଅନୁସାରେ ଏହି ଏକ ଟଙ୍କା ବ୍ୟତୀତ ଅଧିକ ଖର୍ଚ୍ଚ କରିଥାନ୍ତି । ପଥ୍ୟ ବାବଦ ଖର୍ଚ୍ଚ ଏକ ଟଙ୍କା ଯଥେଷ୍ଟ ହେଉ ନ ଥିବାରୁ ଏହାକୁ ଟ ୧.୫୦ ପଇସାକୁ ବଢ଼ାଇ ଦେଇ ଅବଶିଷ୍ଟ ୫୦ ପଇସା ରୋଗୀମାନେ ନିଜେ ବହନ କରିବେ ବୋଲି ସ୍ଥିର ହେଲା । ସରକାରଙ୍କର ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା ପରେ, ଜଣାଗଲା ଯେ ଏହି ନୂତନ ବ୍ୟବସ୍ଥାଟିକୁ ଗ୍ରହଣ କରିବାରେ ସନ୍ତୋଷ ପ୍ରକାଶ ପାଉ ନାହିଁ । ଆଉ ମଧ୍ୟ ବିଭିନ୍ନ ମହଲରୁ ଅଭିଯୋଗ ହେଲା ଯେ ଅତିରିକ୍ତ ୫୦ ପଇସା ପଥ୍ୟ ଖର୍ଚ୍ଚ ବହନ କରିବା ପାଇଁ ଗରିବ ଶ୍ରେଣୀର ଲୋକେ ସମର୍ଥ ହେବେ ନାହିଁ ।

ଏହି କାରଣ ଯୋଗୁଁ ଏକ ଅଣ-ଅନୁଷ୍ଠାନିକ କମିଟି ଦ୍ୱାରା ପୁଣି ଥରେ ପଥ୍ୟ ଖର୍ଚ୍ଚ ବିଷୟଟିକୁ ପରୀକ୍ଷା କରିବା ପାଇଁ ଦିଆଗଲା ଏବଂ ଗରିବ ଶ୍ରେଣୀର ଲୋକେ ଯେପରି ନୂତନ ବ୍ୟବସ୍ଥା ଫଳରେ ଅସୁବିଧାରେ ନ ପଡ଼ନ୍ତି, ସେହି ଦୃଷ୍ଟିରୁ ଏକ କାର୍ଯ୍ୟକାରୀ ପନ୍ଥା ସ୍ଥିର କରିବା ପାଇଁ ନିଷ୍ପତ୍ତି ହେଲା । ରାଜ୍ୟର ବିଭିନ୍ନ ହାସପାତାଳ ଓ ଚିକିତ୍ସାଳୟମାନଙ୍କରେ ସର୍ବମୋଟ ୭,୦୦୦ ଶଯ୍ୟା ରହିଛି । ବର୍ତ୍ତମାନ ପାଇଁ ୬୦ଟି କମ୍ବା ତତୋଧିକ ଶଯ୍ୟା ବିଶିଷ୍ଟ ହାସପାତାଳଗୁଡ଼ିକୁ ନୂତନ ବ୍ୟବସ୍ଥାର ପରିସର ମଧ୍ୟକୁ ଆଣିବା

ଗାଁ ସ୍ଥିର କରାଯାଇଛି । ଏହି ଭିତ୍ତିରେ ରାଜ୍ୟର ନିମ୍ନଲିଖିତ ୧୯ଟି ମାତ୍ର ହାସପାତାଳ ପ୍ରତି ଏହି ନୂତନ ବ୍ୟବସ୍ଥା ପ୍ରଯୁଜ୍ୟ ହେବ । ଏ ସବୁ ହାସପାତାଳ ଗୁଡ଼ିକରେ ୪,୦୦୦ ଶଯ୍ୟା ରହିଛି ।

**କଟକ**—(୧) ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାସପାତାଳ, କଟକ; (୨) ସିଟି ହାସପାତାଳ, କଟକ; (୩) ମାନସିକ ଚିକିତ୍ସାଳୟ, କଟକ; (୪) ଶିଶୁ ଭବନ, କଟକ ।

**ସମ୍ବଲପୁର**—(୧) ବୁର୍ଲା ମେଡ଼ିକାଲ କଲେଜ ହାସପାତାଳ, ସମ୍ବଲପୁର; (୨) ଜିଲ୍ଲା ସଦର ହାସପାତାଳ, ସମ୍ବଲପୁର ।

**ପୁରୀ**—(୧) ଜିଲ୍ଲା ସଦର ହାସପାତାଳ, ପୁରୀ; (୨) କ୍ୟାପିଟାଲ ହାସପାତାଳ, ଭୁବନେଶ୍ୱର; (୩) ଯକ୍ଷ୍ମା ହାସପାତାଳ, ଗୋପାଳପୁର ।

**ଗଞ୍ଜାମ**—ମେଡ଼ିକାଲ କଲେଜ ହାସପାତାଳ, ବ୍ରହ୍ମପୁର ।

**ନିମ୍ନଲିଖିତ ଜିଲ୍ଲା ସଦର ହାସପାତାଳ**—

(୧) ବାଲେଶ୍ୱର, (୨) ବଲାଙ୍ଗୀର, (୩) ଢେଙ୍କାନାଳ, (୪) କେନ୍ଦୁଝର, (୫) ସୁନ୍ଦରଗଡ଼, (୬) ବାରିପଦା (ମୟୂରଭଞ୍ଜ), (୭) ଜୟପୁର ହାସପାତାଳ (କୋରାପୁଟ), (୮) ଭବାନୀପାଟଣା (କଳାହାଣ୍ଡି), (୯) ଯକ୍ଷ୍ମା ହାସପାତାଳ, ଉତ୍କଳ ନାରାୟଣପୁର (କଳାହାଣ୍ଡି) ।

ଏହି ହାସପାତାଳ ଗୁଡ଼ିକ ମଧ୍ୟରୁ ଅଧିକାଂଶ ସହର କିମ୍ବା ଅପେକ୍ଷାକୃତ ଉନ୍ନତ ଅଞ୍ଚଳରେ ଅବସ୍ଥିତ । ବିଶେଷତଃ ସହରାଞ୍ଚଳ ଲୋକମାନଙ୍କର ଆର୍ଥିକ ଅବସ୍ଥାକୁ ବିଚାର କରାଗଲେ, ସଂପୃକ୍ତ ଅଞ୍ଚଳରେ ବାସ କରୁଥିବା ରୋଗୀଙ୍କ ମଧ୍ୟରୁ ଶତକଡ଼ା ୨୫ ଜଣ ପଥ୍ୟ ଖର୍ଚ୍ଚା ପାଇଁ ଦୈନିକ ୩ ଟଙ୍କା ଦେଇ ପାରିବେ ବୋଲି ଆଶା କରାଯାଏ । ଅବଶିଷ୍ଟ ଶତକଡ଼ା ୭୫ ଭାଗ ରୋଗୀ ମାଗଣା ଶଯ୍ୟା ସହିତ ମାଗଣା ପଥ୍ୟ (ରୋଗୀ ପିଛା ଟ ୧.୫୦ ହିସାବରେ)ର ସୁବିଧା ପାଇବା ସୁନିଶ୍ଚିତ । ଏଭଳି ଅନେକ ରୋଗୀ ଅଛନ୍ତି ଯେଉଁମାନେକି ଉପଯୁକ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଲେ ପଇସା ଦେବା ପାଇଁ ପ୍ରସ୍ତୁତ । ଅନ୍ୟାନ୍ୟ ରାଜ୍ୟର ଅଧିକାଂଶ ହାସପାତାଳମାନଙ୍କରେ 'ପେଇଂ ବେଡ୍' ପଦ୍ଧତି ପ୍ରଚଳିତ ରହିଛି ଏବଂ ସେଠାରେ ପଥ୍ୟ ଖର୍ଚ୍ଚା ମଧ୍ୟ ଆହୁରି ଅଧିକ । ୬୦ କିମ୍ବା ତତୋଧିକ ଶଯ୍ୟା ବିଶିଷ୍ଟ ହାସପାତାଳମାନଙ୍କରେ 'ପେଇଂ ବେଡ୍' ଗୁଡ଼ିକ ପାଇଁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଯାହା ଫଳରେ କି ଅବଶିଷ୍ଟ ଶତକଡ଼ା ୭୫ ଭାଗ, ମାଗଣା ଶଯ୍ୟା ଗୁଡ଼ିକଠାରୁ ଏହା ପୃଥକ ବୋଲି ଜଣା ପଡ଼ିବ । ଆଉ ମଧ୍ୟ ଏଗୁଡ଼ିକରେ (ପେଇଂ ବେଡ୍) ଉତ୍ତମ ସେବା ଶୁଶ୍ରୁଷା ପାଇଁ ବ୍ୟବସ୍ଥା ରହିବ । ଏସବୁ ବ୍ୟତୀତ ଯେଉଁ ୨,୦୦୦ ଶଯ୍ୟା ରହିଲା ସେଗୁଡ଼ିକ ରାଜ୍ୟର ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳରେ ରହିଛି ଏବଂ ଏହି ସବୁ ଅଞ୍ଚଳରେ ଲୋକେ ସ୍ୱଳ୍ପ ଆୟକାରୀ ହୋଇଥିବାରୁ ସେମାନଙ୍କ ବିଷୟ ସହାନୁଭୂତିର ସହ ବିଚାର୍ଯ୍ୟ । ଏହି ସବୁ ଅଞ୍ଚଳରେ ହାସପାତାଳ ଓ ଚିକିତ୍ସାଳୟରେ ଚିକିତ୍ସା ପାଉଥିବା ରୋଗୀମାନଙ୍କୁ ବର୍ଦ୍ଧିତ ଖର୍ଚ୍ଚ ବାବଦରେ ଅଧିକ କିଛି ଦେବାକୁ ପଡ଼ିବ ନାହିଁ ।

ରାଜ୍ୟର ସୀମିତ ଆର୍ଥିକ ସମ୍ବଳ ଦୃଷ୍ଟିରୁ ଏହି ନୂତନ ବ୍ୟବସ୍ଥା ଏକ ସୁଚିନ୍ତିତ ଓ ଉତ୍ତମ ପଦକ୍ଷେପ । ପ୍ରଥମ ଅବସ୍ଥାରେ ଏହାକୁ କାର୍ଯ୍ୟକାରୀ କରାଗଲା ବେଳେ କେତେକ ଅସୁବିଧା ଉପୁଜିବା ସ୍ୱାଭାବିକ ଏବଂ ଏହାର ସୁଯୋଗ ନେଇ କେତେକ ମହଲରୁ ଏ ବ୍ୟବସ୍ଥା ବିରୁଦ୍ଧରେ କୁପ୍ରଚାର ହୋଇପାରେ । କିନ୍ତୁ

ଏହି ପରିକଳ୍ପନାଟି କିନ୍ତୁ ଥରେ କାର୍ଯ୍ୟକାରୀ ହେବା ପରେ, ସନ୍ତୋଷ-ଜନକ ଉପାୟରେ ଏହାର ସ୍ଥାୟୀତ୍ୱ ଆସିଯିବ ଏବଂ ଲୋକେ ଏହି ନୂତନ ବ୍ୟବସ୍ଥା ସହିତ ଅଭ୍ୟସ୍ତ ହୋଇଗଲେ, ଏହାର ଉପକାରିତା ବୁଝି ପାରିବେ ଆଉ ମଧ୍ୟ ଏହା ବିରୁଦ୍ଧରେ ଆପତ୍ତି ନ କରି ବରଂ ପସନ୍ଦ କରିବେ ।

## ହିନ୍ଦୁସ୍ଥାନ ଇସ୍ପାତ ଲିମିଟେଡ ହେଡ଼୍ କାର୍ଯ୍ୟାଳୟ ରାଉରକେଲାକୁ ସ୍ଥାନାନ୍ତରିତ ହେବ ।

କଲିକତାଠାରେ ଅବସ୍ଥିତ ଥିବା ହିନ୍ଦୁସ୍ଥାନ ଇସ୍ପାତ କାରଖାନାର ହେଡ଼୍ କାର୍ଯ୍ୟାଳୟ ରାଉରକେଲାକୁ ସ୍ଥାନାନ୍ତରିତ କରାଯିବା ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ହିନ୍ଦୁସ୍ଥାନ ଇସ୍ପାତ୍ ଲିମିଟେଡ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି ।

କେନ୍ଦ୍ର ଇସ୍ପାତ୍ ଓ ଭାରି ଇଂଜିନିୟରିଂ ମନ୍ତ୍ରୀ ଶ୍ରୀ ସି. ଏମ୍. ସୁବ୍ରାମଣିଆମ୍‌ଙ୍କ ନିକଟକୁ ନିକଟରେ ପଠାଇଥିବା ଏକ ପତ୍ରରେ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ରାଉରକେଲାର ଇସ୍ପାତ୍ କାରଖାନାର ଦକ୍ଷତା ବୃଦ୍ଧି ଦୃଷ୍ଟିରୁ ଏବଂ ରାଜ୍ୟର ଆନୁଷଙ୍ଗିକ ତଥା ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ଯେପରି ବିଭିନ୍ନ ଜିନିଷ ପତ୍ର ଓ ଯନ୍ତ୍ରାଂଶ ଯେଉଁଭଳି ଯୋଗାଇବାରେ ସମର୍ଥ ହେବେ ସେହି ଦୃଷ୍ଟିରୁ ସମଗ୍ର ହେଡ଼୍ କାର୍ଯ୍ୟାଳୟ ରାଉରକେଲାକୁ ସ୍ଥାନାନ୍ତରିତ କରିବା ଯୁକ୍ତି ଯୁକ୍ତ ଓ ବିଧି ସଂଗତ । ସେ କହିଛନ୍ତି ଯେ କେତେକ ନ୍ୟସ୍ତ ସ୍ୱାର୍ଥ ଲୋକଙ୍କ ଚାପରେ ସମଗ୍ର ହେଡ଼୍ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଯିବା ନିଷ୍ପତ୍ତି ପରିବର୍ତ୍ତନ ଆଦୌ ବାଞ୍ଛନୀୟ ନୁହେଁ । ନିମ୍ନରେ ମୁଖ୍ୟ ମନ୍ତ୍ରୀଙ୍କ ପତ୍ରର ପୂର୍ଣ୍ଣ ବିବରଣୀ ଦିଆଗଲା ।

"ଓଡ଼ିଶା ସରକାର ରାଉରକେଲା ଇସ୍ପାତ୍ କାରଖାନାର ସମଗ୍ର ହେଡ଼୍ କାର୍ଯ୍ୟାଳୟଟିକୁ ରାଉରକେଲାଠାରେ ଅବସ୍ଥାପିତ କରିବା ନିମନ୍ତେ ହିନ୍ଦୁସ୍ଥାନ ଇସ୍ପାତ୍ କାରଖାନା କର୍ତ୍ତୃପକ୍ଷଙ୍କ ଉପରେ ସବୁବେଳେ ଜୋରଦେଇ ଆସିଛନ୍ତି । ହେଡ଼୍ କାର୍ଯ୍ୟାଳୟଟି ରାଉରକେଲାକୁ ସ୍ଥାନାନ୍ତରିତ କରାଗଲେ ରାଉରକେଲା ଚତୁଃପାର୍ଶ୍ୱରେ ରହିଥିବା ଆନୁଷଙ୍ଗିକ ଶିଳ୍ପ ତଥା ରାଜ୍ୟର ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ଇସ୍ପାତ୍ କାରଖାନାକୁ ବିଭିନ୍ନ ଜିନିଷ ପତ୍ର ଓ ଯନ୍ତ୍ରାଂଶ ଯୋଗାଇବା ପାଇଁ ବିଶେଷ ଭାବରେ ସମର୍ଥ ହୋଇ ପାରିବେ । ବସ୍ତୁତଃ ସରକାରୀ ଉଦ୍ୟୋଗରେ ସ୍ଥାପିତ ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନଙ୍କ ଅବସ୍ଥିତ ଅଞ୍ଚଳର ସର୍ବାଙ୍ଗୀନ ଶିଳ୍ପ ବିକାଶରେ ସହାୟକ ହେବାକୁ କେନ୍ଦ୍ର ସରକାରଙ୍କ ନୀତି ।

ଜଣାଯାଇଛି ଯେ ହିନ୍ଦୁସ୍ଥାନ ଇସ୍ପାତ୍ କାରଖାନା କର୍ତ୍ତୃପକ୍ଷ ଇସ୍ପାତ୍ କାରଖାନାର କାର୍ଯ୍ୟ ଦକ୍ଷତା ବୃଦ୍ଧି ତଥା ରାଉରକେଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆନୁଷଙ୍ଗିକ ଓ ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକୁ ସାହାଯ୍ୟ ଦେବା ପାଇଁ କହୁଦିନଧରି କଲିକତାଠାରେ ଅବସ୍ଥିତ ଥିବା ହେଡ଼୍ କାର୍ଯ୍ୟାଳୟକୁ ରାଉରକେଲାକୁ ଉଠାଇ ଆଣିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏହି ନିଷ୍ପତ୍ତି ଅନୁଯାୟୀ କେତେକ ଅଫିସର ରାଉରକେଲା ସ୍ଥାନାନ୍ତର ହୋଇ କାର୍ଯ୍ୟରେ ଯୋଗ ଦେଇ ସାରିଲେଣି ; କିନ୍ତୁ ବର୍ତ୍ତମାନ ଜଣାଯାଉଛି ଯେ କଲିକତାର କେତେକ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କ ପ୍ରଭାବରେ ହିନ୍ଦୁସ୍ଥାନ ଇସ୍ପାତ୍ କାରଖାନାର କର୍ତ୍ତୃପକ୍ଷ ତାଙ୍କ ପୂର୍ବ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଚିନ୍ତା କରୁଛନ୍ତି ।

ମୁଁ କହିଦେବାକୁ ଚାହେଁ ଯେ ରାଉରକେଲା ଇସ୍ପାତ କାରଖାନାର ସମଗ୍ର ହେଡ଼୍ କାର୍ଯ୍ୟାଳୟକୁ କଲିକତାରୁ ରାଉରକେଲାକୁ ଉଠାଇ ଆଣିବା ନିଷ୍ପତ୍ତି

...ଶ୍ୟ ନ୍ୟାୟ ସଂଗତ ଓ ନିତାନ୍ତ ଆବଶ୍ୟକ । ଏହି ...ମାଜିର କୌଣସି ପରିବର୍ତ୍ତନ ଆଦୌ ବାଞ୍ଛନୀୟ ...ହେଁ । ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ...ଯୋଜନା ଦିଗରେ ଓଡ଼ିଶା ରାଜ୍ୟ ସରକାର ସମସ୍ତ ...ଧାର ସାହାଯ୍ୟ ସହଯୋଗ ଦେଇ ଆସୁଛନ୍ତି । ଏହି ...ପ୍ରେକ୍ଷୀରେ କଲିକତାରୁ ରାଉରକେଲାକୁ କ୍ରୟ ...ଫିସ୍ ଉଠାଇ ଆଣିବା ପାଇଁ ପୂର୍ବରୁ ଯେଉଁ ...ସ୍ଥିର ହୋଇଛି, ତାହାର କୌଣସି ପରିବର୍ତ୍ତନ ...ନ କରାଯାଏ, ସେ ଦିଗରେ ଆପଣ ହିନ୍ଦୁସ୍ଥାନ ...ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବାପାଇଁ ...ଆପଣଙ୍କୁ ଅନୁରୋଧ କରୁଛି ।"

ରାଜ୍ୟ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ହରିହର ...ଟେଲ ହିନ୍ଦୁସ୍ଥାନ ଇସ୍ପାତ ଲିମିଟେଡ଼ର ଚେୟାର-...ମ୍ୟାନ ଶ୍ରୀ କେ. ଟି. ଚାଣ୍ଡିଙ୍କୁ ଅନ୍ୟ ଏକ ପତ୍ର ଲେଖି ...ଛନ୍ତି ଯେ କଲିକତାରୁ ରାଉରକେଲାକୁ କ୍ରୟ ...ଦପ୍ତର (ପରଚେଜ୍ ଅଫିସ୍) ଉଠାଇ ଆଣିବା ନିତାନ୍ତ ...ଆବଶ୍ୟକ ଏବଂ ଏହା ଫଳରେ ଓଡ଼ିଶାର କ୍ଷୁଦ୍ର ଶିଳ୍ପ ...ଉଦ୍ୟୋଗକାରୀମାନଙ୍କର ନ୍ୟାଯ୍ୟ ସଙ୍ଗତ ଆକାଂକ୍ଷା ...ପୂରଣ କରାଯାଇ ପାରିବ । ଶିଳ୍ପ ମନ୍ତ୍ରୀ ଦର୍ଶାଇଛନ୍ତି ...ଯେ, ସମଗ୍ର କ୍ରୟ ଦପ୍ତର କଲିକତାରୁ ରାଉରକେଲାକୁ ...ସ୍ଥାନାନ୍ତରିତ କରିବା ପାଇଁ ପୂର୍ବ ନିଷ୍ପତ୍ତିକୁ ପ୍ରସ୍ତାବ ...ରେ ପରିବର୍ତ୍ତନ କରାଯିବା 'ଅତ୍ୟନ୍ତ ଦୁର୍ଭାଗ୍ୟ ...ଜନକ' ହେବ । ରାଉରକେଲା ସମ୍ପର୍କୀୟ ବିଭିନ୍ନ ...ସମସ୍ୟା ଉପରେ ଆଲୋଚନା କରିବା ପାଇଁ ସେ ...ହିନ୍ଦୁସ୍ଥାନ ଇସ୍ପାତ ଲିମିଟେଡ଼ର ଚେୟାରମ୍ୟାନଙ୍କୁ ...ଭୁବନେଶ୍ୱର ଆସିବା ନିମନ୍ତେ ଅନୁରୋଧ କରିଛନ୍ତି । ...ଶ୍ରୀ ପଟ୍ଟନାୟକଙ୍କ ଚିଠିର ପୂର୍ଣ୍ଣ ବିବରଣୀ ନିମ୍ନରେ ...ଦିଆଗଲା :—

"ରାଉରକେଲାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତଥା ...ଓଡ଼ିଶାର କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନଗୁଡ଼ିକ ରାଉରକେଲା କାରଖାନା ନିମନ୍ତେ ବିଭିନ୍ନ ଜିନିଷପତ୍ର ଏବଂ ଯନ୍ତ୍ରାଂଶ ଯୋଗାଇ ଦେବାପାଇଁ ଯେପରିକି ସମର୍ଥ ହୋଇ ପାରିବେ, ସେହି ଦୃଷ୍ଟିରୁ ସମଗ୍ର କ୍ରୟ କାର୍ଯ୍ୟାଳୟଟିକୁ ରାଉରକେଲାଠାରେ ଅବସ୍ଥାପିତ କରିବା ପାଇଁ ରାଜ୍ୟ ସରକାର ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଆସୁଛନ୍ତି । ଅଧିକନ୍ତୁ ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ କଳ କାରଖାନାଗୁଡ଼ିକ ସେମାନଙ୍କର ଅବ-ସ୍ଥିତ ଅଞ୍ଚଳରେ ଶିଳ୍ପ ବିକାଶ ପାଇଁ ସହାୟକ ହେବେ ବୋଲି କେନ୍ଦ୍ର ସରକାର ଯେଉଁ ନୀତି ସ୍ଥିର କରିଛନ୍ତି ତାହା ସହିତ ଏହାର ସାମଞ୍ଜସ୍ୟ ରହିଛି ।

ଜଣାଯାଇଛି ଯେ ରାଉରକେଲା କାରଖାନାର କାର୍ଯ୍ୟ ଦକ୍ଷତା ଦୃଷ୍ଟିରୁ କଲିକତାଠାରେ ଥିବା କ୍ରୟ ଦପ୍ତରକୁ ରାଉରକେଲାକୁ ଉଠାଇ ଆଣିବା ପାଇଁ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସ୍ଥିର କରିଥିଲେ । ଏହାର ଫଳରେ ରାଉରକେଲା ଓ ତାହାର ଆଖପାଖ ଅଞ୍ଚଳରେ ଥିବା ଆନୁଷଙ୍ଗିକ ଓ କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନ-ଗୁଡ଼ିକ କାରଖାନା ପାଇଁ ଆବଶ୍ୟକୀୟ ଜିନିଷପତ୍ର ଓ ଯନ୍ତ୍ରାଂଶ ଯୋଗାଇ ଦେବା ପାଇଁ କ୍ରୟ ଦପ୍ତର ସହିତ ସଂଯୋଗ ରକ୍ଷା କରିବା ଦିଗରେ ସମର୍ଥ ହୋଇ ପାରିବେ । ଆମେ ଏବେ ଜାଣିପାରୁଛୁ ଯେ ହିନ୍ଦୁସ୍ଥାନ ଇସ୍ପାତ କର୍ତ୍ତୃପକ୍ଷ କଲିକତାର କେତେକ ନ୍ୟସ୍ତ ସ୍ୱାର୍ଥ ଲୋକଙ୍କ ପ୍ରଭାବରେ ପଡ଼ି ସେମାନଙ୍କ ଚାପ ଫଳରେ ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରିବା ପାଇଁ ଚିନ୍ତା କରୁ-ଛନ୍ତି ! କଲିକତାରୁ ରାଉରକେଲାକୁ କ୍ରୟ ଦପ୍ତର ସ୍ଥାନାନ୍ତର କରାଯିବା ନିଷ୍ପତ୍ତି କେବଳ ନ୍ୟାଯ୍ୟ ସଙ୍ଗତ ଓ ଯୁକ୍ତିଯୁକ୍ତ ନୁହେଁ, ନିତାନ୍ତ ଆବଶ୍ୟକ ମଧ୍ୟ । ରାଉରକେଲା ଇସ୍ପାତ କାରଖାନାର ସୁବିଧା ସଙ୍ଗେ ସଙ୍ଗେ ଓଡ଼ିଶାର କ୍ଷୁଦ୍ର ଶିଳ୍ପ ଉଦ୍ୟୋଗକାରୀ ତଥା ରାଉରକେଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠୁଥିବା ବିଭିନ୍ନ ଶିଳ୍ପ ସଂସ୍ଥା ଗୁଡ଼ିକର ନ୍ୟାଯ୍ୟ ସଙ୍ଗତ ଆକାଂକ୍ଷା ଏହା ପୂରଣ କରିବ ।

ଆପଣ ଜାଣିଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ପରିଚାଳନା ଏବଂ ଶିଳ୍ପ ଅଞ୍ଚଳରେ ଶାନ୍ତି ରକ୍ଷା ବିଷୟରେ ଓଡ଼ିଶା ସରକାର କାରଖାନା କର୍ତ୍ତୃପକ୍ଷଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଦେଉଛନ୍ତି । ରାଜ୍ୟ ବାହାରର କୌଣସି ଗୋଷ୍ଠୀଙ୍କ ଚାପ ଫଳରେ ହିନ୍ଦୁସ୍ଥାନ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଯଦି ତାଙ୍କର ପୂର୍ବ ନିଷ୍ପତ୍ତି ପରିବର୍ତ୍ତନ କରନ୍ତି, ତେବେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ହେବ । ଏଣୁ ଯେ କୌଣସି ପରିସ୍ଥିତିରେ ମଧ୍ୟ କଲିକତାରୁ ସେଣ୍ଟ୍ରାଲ… ମୁଖ୍ୟ ଦପ୍ତର ସ୍ଥାନାନ୍ତର କରାଯିବା ନିଷ୍ପତ୍ତିରେ କୌଣ… ପରିବର୍ତ୍ତନ ନହେବା ଦିଗରେ ଆପଣ ନିଶ୍ଚିତ ପଦ… କ୍ଷେପ ନେବେ ବୋଲି ମୋର ଅନୁରୋଧ । ରାଉରକେଲା… ସଂପର୍କୀୟ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ଭୁବନେଶ୍ୱର ଆପଣ କେବେ ଆ… ପାରିବେ, ତାହା ଜଣାଇବେ ।"

( ୭ମ ପୃଷ୍ଠାର ଅବଶିଷ୍ଟାଂଶ )

ଜୀବନବ୍ୟାପୀ ସାଧନା । ଆତ୍ମ-ଶୃଙ୍ଖଳା ଓ ଆତ୍ମସିଦ୍ଧି ଲାଗି ବ୍ୟକ୍ତିଗତ ସ୍ୱାର୍ଥ ଲାଳସା ଛାଡ଼ ବୃହତ୍ତର ଓ ଓ ଉଚ୍ଚତର ଆଦର୍ଶକୁ ଆନ୍ତରିକତା ଓ ପ୍ରସନ୍ନତାର ସହିତ ଗ୍ରହଣ କରିବାକୁ ହେବ ।

× × × × ×

ଆମେ ପ୍ରତ୍ୟେକେ ଯଦି ନିଜ ମନମୁତାବକ କାର୍ଯ୍ୟ କରୁ, ଆମ ବ୍ୟତିରେକେ ଜଗତ ଅଚଳ ହୋଇଯିବ ବୋଲି ଭ୍ରାନ୍ତ ଧାରଣା ଯଦି ଆମେ ମନରେ ପୋଷଣକରୁ ତେବେ ଏକତା, ସାମର୍ଥ୍ୟ, ସମୃଦ୍ଧ କଲ୍ୟାଣ ସାଧନର ସଫଳ ସଂଗଠନ ସମ୍ଭବ ହେବନାହିଁ ।

× × × × ×

ଏକ ଚିରାଚରିତ ଅର୍ଥନୀତିକୁ ଅଭିନବ ରୂପ ଦେବାରେ, ଏକ ସ୍ଥାଣୁ ସାମାଜିକ ଅବସ୍ଥାକୁ ସକ୍ରିୟ କରାଇବାରେ; ଶାସକ ଓ ଶାସିତ ସଂପର୍କ ଥିବା କ୍ଷମତା-ସର୍ବସ୍ୱ ଦେଶକୁ ଏକ କଲ୍ୟାଣକର ଗଣତନ୍ତ୍ରରେ ପରିଣତ କରାଇବାରେ ଆମକୁ ସେବା ମନୋଭା… ନେଇ ତତ୍ପର ରହିବାକୁ ହେବ ।

× × × × ×

ଜାତୀୟ ଜୀବନର ଶିକ୍ଷା କେବେ ପରିସମା… ପ୍ତ ହୁଏନାହିଁ । ଏହା ପରିବର୍ଦ୍ଧିତ ହୋଇଥାଏ ।

× × × × ×

କେବଳ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଗଠି… ହୋଇଥିବା ଭୂଖଣ୍ଡର ଏକୀକରଣରେ … ଆନ୍ଦୋଳନରେ ଲକ୍ଷ୍ୟ ସାଧିତ ହୋଇନଥାଏ । ଏ… ଏକ ନିରବଚ୍ଛିନ୍ନ ପଦ୍ଧତି ଏବଂ ଏହି ପଦ୍ଧତି ହେଉ… ଆମ ଜାତୀୟ ଭିତ୍ତିର ମୂଳଦୁଆ ।


× × × × ×

ଗଣତନ୍ତ୍ରରେ ଶିକ୍ଷା ନୀତିର ବିଶେଷତ୍ୱ ହେଉ… ଶିଶୁର ବ୍ୟକ୍ତିତ୍ୱ ପ୍ରତି ଦୃଷ୍ଟିଦେବା । କାରଣ ଏ… ଶିଶୁର ପୂର୍ଣ୍ଣ ବିକାଶ ଉପରେ ଗଣତନ୍ତ୍ରର ଭବିଷ୍ୟ… ନିର୍ଭର କରେ ।

× × × × ×



OGP-MP—II Home (PR) 9—10,000—24-5-1969



ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିକୁ ବଲାଙ୍ଗିର କଟକର ଗୃହରକ୍ଷୀ ବାହିନୀ ତରଫରୁ ଅପ୍ରେଲ ତା ୧୭ ରିଖ ଦିନ ଗୃହରକ୍ଷୀ ବାହିନୀର କମାଣ୍ଡାଣ୍ଟ କମାଣ୍ଡର ଶ୍ରୀ ସଦାନନ୍ଦ ମିଶ୍ର ଟ ୩,୫୦୦ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନଠାରେ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଅପ୍ରେଲ ୫ ତାରିଖ ଦିନ ବାରିପଦାଠାରେ ଅନୁଷ୍ଠିତ ହୋଇଥିବା ନିଖିଳ ଉତ୍କଳ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଉଦ୍‌ଘାଟନୀ ଅଭିଭାଷଣ ଦେଉଛନ୍ତି ।





ପୁଷ୍ପଗଡ ବ୍ରାହ୍ମଣ ସମିତି ଛାତ୍ରାବାସଠାରେ ଅପ୍ରେଲ ୧୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମାଲ୍ୟାର୍ପଣ କରୁଛନ୍ତି ।

## ଶତେ ସମ୍ବାଦ

ସାମନ୍ତ ଚନ୍ଦ୍ରଶେଖର ସମିତି ପରିଷଦ ଆନୁକୂଲ୍ୟରେ ଅପ୍ରେଲ ୧୬ ତାରିଖ ଦିନ ଭୁବନେଶ୍ୱରଠାରେ ମହାମ[illegible] ପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ 'ସିଦ୍ଧାନ୍ତ ଦର୍ପଣ'ର ଶତବାର୍ଷିକୀ ଉପଲକ୍ଷେ ଏକ ବୃହ[illegible] ଉତ୍ସବ ପାଳିତ ହୋଇଥିଲା । ଚିତ୍ରରେ ଟିଲ ଓ ଲୋକନିର୍ମାଣ ମନ୍ତ୍ରୀ ଶ୍ରୀ ହରିହର ପଟେଲ ତା ୧୬ [illegible] ଉକ୍ତ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି ।





ପ୍ରସ୍ତୁତି ଓ ଆଡ଼ମିନିଷ୍ଟ୍ରେଟିଭ୍ ଅଫିସରମାନଙ୍କ ତାଲିମ ସ୍କୁଲ୍‌ରେ ତାଲିମ ପାଉଥିବା କେତେକ ଅଫିସର, ତାଲିମ କୋ-ଅର୍ଡିନେସନ କମିସନର ଶ୍ରୀ ଏସ. ଏମ୍. ପଟ୍ଟନାୟକ, ଆଇ.ଏ.ଏସ୍.ଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କୁ ଭୁବନେଶ୍ୱରଠାରେ ଅପରାହ୍ନ ଜଣେ ଦିନ ସାକ୍ଷାତ କରିଥିଲେ । ଚିତ୍ରରେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଅଫିସରଙ୍କର ଆଲୋଚନା କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଚିନି କାରଖାନାକୁ ସର୍ବାଧିକ ଆଖୁ ଯୋଗାଇଥିବା ଆସିକାର ଆଖୁ ଚାଷୀଙ୍କୁ ଅପ୍ରେଲ ମାସ ୨୮ ତାରିଖ ଦିନ ଆସିକାଠାରେ ଅନୁଷ୍ଠିତ ହୋଇଥିବା ଏକ ଉତ୍ସବରେ ସମବାୟ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ନୃସିଂହ ପ୍ରସାଦ ମିଶ୍ର ଟଙ୍କା ଓ ପଦକ, ପୁରସ୍କାର ସ୍ୱରୂପ ପ୍ରଦାନ କରୁଛନ୍ତି ।






ଓଡ଼ିଶା ବ୍ୟବସ୍ଥାପକ ସଭାର ବାଚସ୍ପତି ଶ୍ରୀ ନନ୍ଦକିଶୋର ମିଶ୍ର 'ବ୍ୟବସ୍ଥାପକ କ୍ଲବ' ଉଦ୍‌ଘାଟନ କରୁଛନ୍ତି ।

# ଚିତ୍ରେ ସମ୍ବାଦ

'ବ୍ୟବସ୍ଥାପକ କ୍ଲବ୍' ଉଦ୍‌ଘାଟନ ଉପଲକ୍ଷେ ଅପ୍ରେଲ ୯ ତାରିଖ ଦିନ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପ
କଟକ ଲୋକକଳା କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଚିତ୍ରାନୁଷ୍ଠାନର ଏକ ଦୃଶ୍ୟ ।





ଚଳିତ ମାସ ୧ ତାରିଖ ଦିନ କଟକସ୍ଥ ଓଡ଼ିଶା ହାଇକୋର୍ଟଠାରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉତ୍ସବରେ ପ୍ରଧାନ ବିଚାରପତିରୂପେ ଶ୍ରୀ ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର ଶପଥ ଗ୍ରହଣ କରୁଛନ୍ତି ।
ଚିତ୍ରରେ ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଅନ୍‌ସାରୀ ଓ [illegible] ସହିତ ଦଣ୍ଡାୟମାନ ହୋଇଛନ୍ତି ।

ଗତ ବର୍ଷ ଅପ୍ରେଲ ୯ ତାରିଖ ଦିନ ରାଜଭବନଠାରେ ଅନୁଷ୍ଠିତ ହୋଇଥିବା ଏକ ସଭାରେ ରାଜ୍ୟ ରେଡକ୍ରସର ସମ୍ବଲପୁର ଜିଲ୍ଲା ଶାଖାକୁ ୧୯୭୬-୭୭ ବର୍ଷରେ ସର୍ବାଧିକ ସଭ୍ୟ ଚାନ୍ଦା ସଂଗ୍ରହ କରିଥିବା ହେତୁ ଗୋଟିଏ ସିଲଡ ପୁରସ୍କାର ସ୍ୱରୂପ ଦିଆଯାଇଥିଲା ।

ଚିତ୍ରରେ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ଶାଖାର ଚେୟାରମ୍ୟାନ ଶ୍ରୀ ଏନ୍. ସି. ହିରଣ ରାଜ୍ୟପାଳଙ୍କଠାରୁ ସିଲଡ୍ ଗ୍ରହଣ କରୁଛନ୍ତି ।



ଅପ୍ରେଲ ୯ ତାରିଖ ଦିନ ରାଜଭବନଠାରେ ଭାରତୀୟ ରେଡକ୍ରସ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖାର ଜେନେରାଲ ବଡ଼ିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରାଜ୍ୟପାଳ ତଥା ରାଜ୍ୟ ଶାଖାର ସଭାପତି ଡକ୍ଟର ଏସ୍. ଏସ୍. ଅନ୍‌ସାରୀ ଉକ୍ତ ଉତ୍ସବରେ ସଭାପତିତ୍ୱ କରୁଛନ୍ତି ।



Vol. XXV. No. 10 UTKAL PRASANGA Regd. No. O
Licence No. C. R. N. P. 5—Licenced to post without pre-payment

# ଆପଣଙ୍କ ପାଇଁ

## "ଓଜନ ନେବ ଜାଣି, ପଇସା ଦେବ ଗଣି"

* ଜିନିଷପତ୍ର କିଣିବା ବା ବିକିବାବେଳେ ନିକିତି ପ୍ରତି ଦୃଷ୍ଟି ରଖନ୍ତୁ ।
* ଲିଟର ଓ କିଲୋ ମଧ୍ୟରେ ସାମଞ୍ଜସ୍ୟ ନାହିଁ, ଏଥିରେ ପାର୍ଥକ୍ୟ ପ୍ରତି ଦୃଷ୍ଟି ଦିଅନ୍ତୁ ଅର୍ଥାତ୍ ୧ ଲିଟର ବିଶୁଦ୍ଧ ଜଳର ଓଜନ ୧ କିଲୋ ହେବ କିନ୍ତୁ ୧ ଲିଟର ସୋରିଷ ତେଲ, ନଡ଼ିଆ ତେଲ, ଜଡ଼ା ତେଲ ପ୍ରଭୃତିର ଓଜନ ୧ କିଲୋଠାରୁ କମ୍ । ଏଣୁ ତରଳ ପଦାର୍ଥ କିଣିବା ବେଳେ ଲିଟରରେ ନେଲେ ୧ କିଲୋର ମୂଲ୍ୟ ଦିଅନ୍ତୁ ନାହିଁ ।
* ପ୍ୟାକେଜରେ ଥିବ ପଦାର୍ଥର ପରିମାଣ ଜାଣିବାପାଇଁ ଚେଷ୍ଟା କରନ୍ତୁ ଏବଂ ପ୍ୟାକେଜ୍ ଉପରେ ପରିମାଣ ଲେଖାଯାଇ ନ ଥିଲେ ସେଗୁଡ଼ିକୁ ଗ୍ରହଣ କରନ୍ତୁ ନାହିଁ । କାରଣ ଏଥିରେ ଠକାମିରେ ପଡ଼ିବାର ସମ୍ଭାବନା ରହିଛି ।
* ସରକାରଙ୍କଠାରୁ ଲାଇସେନ୍ସ ନ ନେଇ ମାପଓଜନ ବିକ୍ରି କରୁଥିବା ବ୍ୟବସାୟୀଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ । କାରଣ ଉକ୍ତ ନିକିତି, ବଟକରା ପ୍ରଭୃତି ସରକାରଙ୍କଦ୍ୱାରା ପରୀକ୍ଷା କରାଯାଇ ନ ଥାଏ ଏବଂ ଏଗୁଡ଼ିକ ନିର୍ଭୁଲ ନ ଥିବାର ସମ୍ଭାବନା ବେଶି ।
* ରେଡ଼ିମେଡ୍ ପୋଷାକଗୁଡ଼ିକରେ ଲେଖାଥିବା ସାଇଜ ଠିକ୍ ଅଛି କି ନା ଦେଖି କିଣନ୍ତୁ ।
* ଲିଟର, ମିଟର, କିଲୋଗ୍ରାମ, ବଟକରା, ପେଟ୍ରୋଲ ଓ ଡିଜେଲ ପମ୍ପ, କମ୍ପ୍ରେସିନ ମାପର ଯନ୍ତ୍ର ତଥା ପ୍ଲାଟ ଫାରମ ମେସିନ ପ୍ରଭୃତି ନିୟମିତ ଓଜନ ମାପ ବିଭାଗ ଦ୍ୱାରା ପରୀକ୍ଷା କରାଯାଇ ମୋହର ଦିଆଯାଇଥାଏ । ଏଗୁଡ଼ିକ ବ୍ୟବହାର କଲାବେଳେ ମୋହର ଠିକ ଅଛି କି ନା ଦେଖି ନିଅନ୍ତୁ ।
* ଜିନିଷ ପତ୍ର କାରବାରରେ ଓଜନ ଓ ମାପରେ ଠକାମି ଆପଣଙ୍କ ଦୃଷ୍ଟିକୁ ଆସିଲେ ସ୍ଥାନୀୟ ଓଜନ ମାପ ଇନ୍‌ସପେକ୍ଟର, ସହକାରୀ କଣ୍ଟ୍ରୋଲର ବା କଣ୍ଟ୍ରୋଲରଙ୍କ ସାହାଯ୍ୟ ନିଅନ୍ତୁ ।

Printed at the Orissa Government Press, Madhupatna, Cuttack-3